୬ ଇଂଲଣ୍ଡ ବିପକ୍ଷ ଟେଷ୍ଟମ୍ୟାଚ୍ : ୪ନଂ ସ୍ଥାନରେ ଖେଳିବେ ଗିଲ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୪୨ ● ୨୦ ଜୁନ୍ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-142 ●20th June 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

DADLS-34



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସେବା
ସୁଶାସନ
ଗରିବ କଲ୍ୟାଣ
ପାଇଁ ସମର୍ପିତ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ
ରାଜ୍ୟ ସରକାରଙ୍କ ୧ ବର୍ଷ

ପ୍ରଧାନମନ୍ତ୍ରୀ
ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା

₹ ୧୮,୬୦୦ କୋଟିର ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ

ନୂତନ ରେଳ ସେବା ଏବଂ ୧୦୦ ବ୍ୟାଟେରୀ ଚାଳିତ ବସ୍‌ର ଶୁଭାରମ୍ଭ

ବରପୁତ୍ର ସମ୍ମାନ ଯୋଜନାର ଲୋକାର୍ପଣ

ଓଡ଼ିଶା ଭିଜନ୍ ୨୦୩୬ | ୨୦୪୭ ପୁସ୍ତିକା ଶୁଭ ଉନ୍ମୋଚନ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପୁସ୍ତିକା ଉନ୍ମୋଚନ

ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ

୨୦ ଜୁନ୍ ୨୦୨୫ | ଅପରାହ୍ନ ୪ ଘଟିକା | ଜନତା ମଇଦାନ, ଭୁବନେଶ୍ୱର

ଗରିମାମୟ ଉପସ୍ଥିତି

ଡ. ହରି ବାବୁ କମ୍ଭମ୍ପାଟି
ରାଜ୍ୟପାଳ, ଓଡ଼ିଶା

ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଶ୍ରୀଯୁକ୍ତ ଜୁଏଲ ଓରାମ
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓ
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀମତୀ ପ୍ରଭାତୀ ପରିଡା
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକା ଗଣ

ସିଧା ପ୍ରସାରଣ: DD News and DD Odia | YouTube: @DD Odia News Official/@DD Odia

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/0713/2526

ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ରେ ପ୍ରଭାବ ପକାଇବ ଗ୍ଲୋବାଲ୍ ୱାର୍ମିଂ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୪୨ ● ୨୦ ଜୁନ୍ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-142 ● 20th June 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ସମାରୋହ ପାଇଁ ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ

# ଜନତା ମଇଦାନରେ ପ୍ରସ୍ତୁତି ପରଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୬

ନ୍ୟୁଜ୍ ବ୍ୟୁରୋ

ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ଏକ ବର୍ଷପୂର୍ତ୍ତି ସମାରୋହ ଉପଲକ୍ଷେ ଭୁବନେଶ୍ୱର ଜନତା ମଇଦାନଠାରେ ଆୟୋଜିତ ସଭାସ୍ଥଳର ପ୍ରସ୍ତୁତି କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି । ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଏଠାରେ ହେଉଥିବା ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ।

ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ସଭାସ୍ଥଳ ବୁଲି ଦେଖିବାସହ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯେପରି କୌଣସି ତ୍ରୁଟି ନରହିବ ସେଥିପ୍ରତି ସଜାଗ ରହିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗୁରୁବାର ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜ୍ୟ ପୂର୍ତ୍ତ ଓ ଆଇନ (ପୃଷ୍ଠା ୭ରେ)



## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସମୀକ୍ଷା

# ଡାଇରିଆ ସ୍ଥିତି ନିୟନ୍ତ୍ରଣାଧୀନ, ରୋଗୀ ସଂଖ୍ୟା କମୁଛି

ଭୁବନେଶ୍ୱର, ୧୯।୬ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଡାଇରିଆ ସଂକ୍ରମଣର ତ୍ୱରିତ ମୁକାବିଲା ପାଇଁ ଗୁରୁବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର, କଟକ, ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର, କେନ୍ଦ୍ରାପଡା (ପୃଷ୍ଠା ୭ରେ)



# ଦିଲ୍ଲୀରେ ପହଞ୍ଚିଲେ ୧୧୦ ଭାରତୀୟ ଛାତ୍ର

ନୂଆଦିଲ୍ଲୀ, ୧୯।୬

ଭାରତର 'ଅପରେସନ୍ ସିନ୍ଧୁ' ଅନ୍ତର୍ଗତ ଯୁଦ୍ଧଗ୍ରସ୍ତ ଇରାନରୁ ଉଦ୍ଧାର କରାଯାଇଥିବା ୧୧୦ ଜଣ ଭାରତୀୟ ଛାତ୍ର ସକୁଶଳେ ଦେଶରେ ପହଞ୍ଚିଛନ୍ତି। ସେମାନଙ୍କୁ ପ୍ରଥମେ ଇରାନରୁ ଅର୍ମେନିଆକୁ ନିଆଯାଇଥିଲା ଓ ଏଠାରୁ ବିମାନ ମାଧ୍ୟମରେ ନୂଆଦିଲ୍ଲୀକୁ ଆଣାଯାଇଛି। ସେମାନଙ୍କର ପ୍ରଥମ ଉଡାଣ ଆଜି ସକାଳେ ରାଜଧାନୀ ଦିଲ୍ଲୀରେ ପହଞ୍ଚିଛି। ଇରାନ୍ ସ୍ଥିତ ଭାରତୀୟ ଦୂତାବାସ ଏହି ଛାତ୍ରମାନଙ୍କୁ ଅର୍ମେନିଆ ପହଞ୍ଚେଇବାରେ ସହଯୋଗ କରିଛି। ନିଜ ସନ୍ତାନଙ୍କୁ ସୁରକ୍ଷିତ ଦେଖି ଘରଲୋକେ ଖୁସିରେ ଝୁମିଉଠିଛନ୍ତି। (ପୃଷ୍ଠା ୭ରେ)



## ଜୁଲାଇ ୨ୟ ସପ୍ତାହରେ ଓଡ଼ିଶା ଆସିବେ ରାହୁଲ

ଭୁବନେଶ୍ୱର, ୧୯।୬ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଜୁଲାଇ ଦ୍ୱିତୀୟ ସପ୍ତାହରେ ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିବେ। ତାଙ୍କ ସହ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଓ ସାଧାରଣ (ପୃଷ୍ଠା ୭ରେ)

## ପୁଲିସ ନିକଟରେ ଆତ୍ମସମର୍ପଣ କଲେ ୧୨ ମାଓବାଦୀ

ମାଲକାନଗିରି, ୧୯।୬ : ନ୍ୟୁଜ୍ ବ୍ୟୁରୋ

ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦୀ କଥାଗୁଡିମ ଜିଲ୍ଲା ପୁଲିସ ନିକଟରେ ୧୨ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମଧ୍ୟରୁ ୨ ଜଣ ଡିଭିସିଏମ, ୪ ଜଣ ଏସିଏମ, ପାର୍ଟି ମେମ୍ବର ୨ ଜଣ ମିସିଲିଆ ସଦସ୍ୟ ୨ ଜଣ, ଆରପିସି ସଦସ୍ୟ, ୨ ଜଣ ଅନ୍ତର୍ଭୁକ୍ତ। ତେଲେଙ୍ଗାନା ପୁଲିସ ତରଫରୁ ଲଗାତାର ନକ୍ସଲ ଅପରେସନ କରାଯାଉଥିବା ବେଳେ ନକ୍ସଲଙ୍କୁ ଆଉ ତ୍ରାହି ନାହିଁ। ନକ୍ସଲ ଏନକାଉଣ୍ଟରରେ ମୃତ୍ୟୁବରଣ କରୁଥିବା ବେଳେ ଅନ୍ୟ ନକ୍ସଲମାନେ ଏବେ ସଂଗଠନ ଛାଡି ମୁଖ୍ୟସ୍ରୋତରେ ସାମିଲ ହେବାକୁ ମନ ବଳାଇଲେଣି।

ଆତ୍ମସମର୍ପଣ କରିଥିବା ନକ୍ସଲମାନେ ହେଲେ ଡିଭିସିଏମ ମାଡ୍‌କମ ରାମା, ଡିଭିସିଏମ ମାଡକମ ଭୀମା, ଏସିଏମ ପୁନେମ କବିତା, ପିପିସିଏମ ଓୟାମ ଲକ୍ସ୍ମା, ଏସିଏମ ତାଥି ଭୀମା, ପିପିସିଏମ ପଡ଼ିୟମ ଦେବୀ, ପାର୍ଟି ମେମ୍ବର ମୁଚ୍ଚକି ମାସା, ପାର୍ଟି ମେମ୍ବର ସୋଡ଼ି ହୁଙ୍ଗି, (ପୃଷ୍ଠା ୭ରେ)

## ୨୪ ଯାଏଁ ରାଜ୍ୟରେ ଜାରି ରହିବ ବର୍ଷା

ଭୁବନେଶ୍ୱର, ୧୯।୬ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବର୍ଷା। ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଗୁରୁବାର ସୂଚନା ମିଳିଛି । ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ ଏବଂ କେନ୍ଦୁଝରରେ ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ ଯୋଗୁଁ ରାଜ୍ୟରେ ବର୍ଷା ଜାରି ରହିବ ବୋଲି କୁହାଯାଇଛି। ଦେବଗଡ, ଅନୁଗୁଳ, ମୟୂରଭଞ୍ଜ, ବରଗଡ ଓ ସୁବର୍ଣ୍ଣପୁରକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି । ସେହିପରି (ପୃଷ୍ଠା ୭ରେ)

## ଆଜି ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱରରେ ସରକାରୀ ଅଫିସ୍ ବନ୍ଦ

ଭୁବନେଶ୍ୱର, ୧୯।୬ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରଙ୍କ ଶାସନ ପୂର୍ତ୍ତି ସମାରୋହରେ ପ୍ରଧାନମନ୍ତ୍ରୀ ଯୋଗଦେଉଥିବାରୁ ଶୁକ୍ରବାର ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱରରେ ସରକାରୀ (ପୃଷ୍ଠା ୭ରେ)


୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସରେ ଏକ ସୁସ୍ଥ, ସମୃଦ୍ଧ ଏବଂ ପରମ ଗୌରବଶାଳୀ ଭାରତ ଗଠନ ପାଇଁ ପ୍ରତିଜ୍ଞା ନିଅନ୍ତୁ

ଯୋଗପୂର୍ଣ୍ଣ ଭାରତ: ସ୍ୱାମୀ ରାମଦେବଙ୍କ ଆହ୍ୱାନ

PATANJALI®



ବିଶ୍ୱର ସର୍ବଶ୍ରେଷ୍ଠ ଯୋଗଗୁରୁ

ଯୋଗଋଷି ସ୍ୱାମୀ ରାମଦେବ ମହାରାଜଙ୍କ ସହ ସିଧାସଳଖ ସଂଯୋଗ କରି ଯୋଗ ଶିଖନ୍ତୁ

ଆସ୍ଥା LIVE — ପ୍ରତିଦିନ ସକାଳ 5:30 ରୁ 7:30 ଏବଂ ରାତି 8:00 ପର୍ଯ୍ୟନ୍ତ | INDIA TV — ପ୍ରତିଦିନ ସକାଳ 7:56ରେ

ଏହି ଅନ୍ତର୍ଜାତୀୟ ଯୋଗ ଦିବସରେ ଆସନ୍ତୁ ଆମେ ସ୍ୱାମୀଜୀଙ୍କ ନେତୃତ୍ୱରେ ଯୋଗବ୍ରତୀ ଏବଂ ସ୍ୱଦେଶୀବ୍ରତୀ ହୋଇ ଏକ ସୁସ୍ଥ, ସମୃଦ୍ଧ, ସକ୍ଷମ, ସଂଗଠିତ ଏବଂ ପରମ ଗୌରବଶାଳୀ ଭାରତ ନିର୍ମାଣ କରିବା। ଗତ ତିନି ଦଶନ୍ଧି ମଧ୍ୟରେ ପତଞ୍ଜଳି ମାଧ୍ୟମରେ ଯୋଗ, ଆୟୁର୍ବେଦ ଏବଂ ସ୍ୱଦେଶୀ ବିଶ୍ୱର ୨୦୦ ଦେଶର ୨୦୦ କୋଟିରୁ ଅଧିକ ଲୋକଙ୍କୁ ରୋଗମୁକ୍ତ, ନିଶାମୁକ୍ତ ଏବଂ ଆଧ୍ୟାତ୍ମିକ ଜାଗରଣର ପଥ ଦେଖାଇଛନ୍ତି। ଏହା କେବଳ ଲକ୍ଷ ଲକ୍ଷ କୋଟି ଟଙ୍କା ସଞ୍ଚୟ କରିନାହିଁ, ବରଂ ଏକ ଆଧ୍ୟାତ୍ମିକ, ଅନନ୍ତ ଜୀବନଶୈଳୀର ମୂଳଦୁଆ ମଧ୍ୟ ସ୍ଥାପନ କରିଛି।



'ଜାଗରଣର ଦେବତା'

ଦେଶର ଶ୍ରେଷ୍ଠ ସନ୍ଥମାନଙ୍କ ସମେତ କୋଟି କୋଟି ଲୋକ ସ୍ୱାମୀ ଜୀ ମହାରାଜଙ୍କୁ 'ଜାଗରଣର ଦେବତା' ଭାବରେ ଦେଖନ୍ତି, ଯିଏ ସାରା ଦେଶରେ ୨୫ ଲକ୍ଷ କିଲୋମିଟର ଯାତ୍ରା କରିଥିଲେ ଏବଂ ଦଶ କୋଟିରୁ ଅଧିକ ଲୋକଙ୍କୁ ଯୋଗରେ ତାଲିମ ଦେଇଥିଲେ ଏବଂ ନିଃସ୍ୱାର୍ଥପର ସେବା କରୁଥିବା ଏକ କୋଟି ସମର୍ପିତ କର୍ମୀ ସୃଷ୍ଟି କରିଥିଲେ। ପତଞ୍ଜଳିର ସେହି ପ୍ରଶିକ୍ଷିତ ଯୋଗୀ ଭାଇ ଏବଂ ଭଉଣୀମାନେ ଦେଶର ପ୍ରତ୍ୟେକ ଗ୍ରାମ, ସହର, ରାସ୍ତା ଏବଂ ଅଞ୍ଚଳରେ ଏକ ଲକ୍ଷରୁ ଅଧିକ ଯୋଗ ଶିବିର ଏବଂ ନିୟମିତ ଯୋଗ ଶ୍ରେଣୀ ମାଧ୍ୟମରେ ଲୋକଙ୍କୁ ସ୍ୱାସ୍ଥ୍ୟ ଏବଂ ସଚେତନତାର ବାର୍ତ୍ତା ପ୍ରସାର କରୁଛନ୍ତି। ସକାଳୁ ଶୀଘ୍ର ଉଠି ଯୋଗ କରିବାର ଏହି ବିପ୍ଳବ ଭାରତକୁ ଏକ ନୂତନ ଦିଗଦର୍ଶନ ଦେଉଛି।

**ମାନବ କଲ୍ୟାଣ ପାଇଁ ନିଃସ୍ୱାର୍ଥପର ଅଭିଯାନ** ଆଜି ସାରା ଦେଶରେ ୧୦,୦୦୦ରୁ ଅଧିକ ପତଞ୍ଜଳି କେନ୍ଦ୍ର ଏବଂ ୨୫୦୦ ଯୋଗ୍ୟ ଏବଂ ପ୍ରଶିକ୍ଷିତ ବୈଦ୍ୟଙ୍କ ମାଧ୍ୟମରେ ଯୋଗ, ଆୟୁର୍ବେଦ ଏବଂ ସ୍ୱଦେଶୀ କ୍ଷେତ୍ରରେ ଏକ ବିରାଟ ସେବା କରାଯାଉଛି। ଯଦି ଆମେ ଏହି ସେବାର ମୂଲ୍ୟାଙ୍କନ କରିବା, ତେବେ ଏହା ରାଷ୍ଟ୍ର ସେବାରେ ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ଅବଦାନ। ପତଞ୍ଜଳିର ପ୍ରତ୍ୟେକ ପ୍ରକଳ୍ପ ଭାରତ ମାତାର ସେବା ପାଇଁ ସମର୍ପିତ।

**ସ୍ୱଦେଶୀରୁ ସମୃଦ୍ଧି: ଧନରୁ ଦାନ ପର୍ଯ୍ୟନ୍ତ** ଅକ୍ସଫାମ୍ ଗ୍ଲୋବାଲ୍ ୟୁ.କେ. ଏବଂ ଅନ୍ୟାନ୍ୟ ସୂତ୍ର ଦ୍ୱାରା କରାଯାଇଥିବା ଏକ ସର୍ଭେ ଅନୁଯାୟୀ, ୧୭୬୫ ରୁ ୧୯୦୦ ମଧ୍ୟରେ ବିଦେଶୀ କମ୍ପାନୀ ଏବଂ ଆକ୍ରମଣକାରୀମାନେ ଭାରତରୁ ୧୦୦ ଟ୍ରିଲିୟନ ଡଲାରରୁ ଅଧିକ ଲୁଟ୍ କରିଥିଲେ ଏବଂ ଏହି ଲୁଟ୍ ଆଜି ମଧ୍ୟ ଜାରି ରହିଛି। ସ୍ୱାମୀଜୀ ସ୍ୱଦେଶୀ ମାଧ୍ୟମରେ ଏହି ଲୁଟ୍‌କୁ ବନ୍ଦ କରିବାକୁ ଏବଂ ଭାରତକୁ ଆର୍ଥିକ ମହାଶକ୍ତି ଆଡ଼କୁ ନେଇଯିବା ପାଇଁ ସଂକଳ୍ପବଦ୍ଧ। 'ଦାନ ପାଇଁ ସମୃଦ୍ଧି': ପତଞ୍ଜଳି ଭାରତ ମାତାର ସେବାରେ ଏହାର ଲାଭର ୧୦୦% ବିନିଯୋଗ କରିଛି, ନିବେଶ କରୁଛି ଏବଂ କରିଚାଲିବ।

**ଭାରତୀୟ ଶିକ୍ଷା ବୋର୍ଡ ଦ୍ୱାରା ମ୍ୟାକାଲେଙ୍କ ଶିକ୍ଷା ବ୍ୟବସ୍ଥାରୁ ମୁକ୍ତି** ୧୮୩୫ ମସିହାରୁ ପ୍ରଚଳିତ ମ୍ୟାକାଲେଙ୍କ ଶିକ୍ଷା ବ୍ୟବସ୍ଥାରୁ ଦେଶକୁ ମୁକ୍ତ କରିବା ପାଇଁ ପତଞ୍ଜଳି ଗୁରୁକୁଳମ୍ ଏବଂ ଆଚାର୍ଯ୍ୟକୁଳମ୍ ଭଳି ପ୍ରତିଷ୍ଠାନ ଭାରତୀୟ ଶିକ୍ଷା ବୋର୍ଡ ସହିତ ସହଯୋଗରେ ସର୍ବୋତ୍ତମ ବ୍ୟକ୍ତିତ୍ୱ, ଚରିତ୍ର ଏବଂ ନେତୃତ୍ୱ ସହିତ ପିଲାମାନଙ୍କୁ ସୃଷ୍ଟି କରୁଛନ୍ତି। ଏହା ବ୍ୟତୀତ, ଲକ୍ଷ ଲକ୍ଷ ସ୍କୁଲକୁ ଭାରତୀୟ ଶିକ୍ଷା ବୋର୍ଡ ସହିତ ଜଡିତ କରି ଆମେ ଏକ ନୂତନ ଭାରତ ନିର୍ମାଣ କରୁଛୁ। ଆପଣଙ୍କ ପିଲାମାନଙ୍କୁ ପତଞ୍ଜଳି ଗୁରୁକୁଳମ୍, ଆଚାର୍ଯ୍ୟକୁଳମ୍, ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ଶିକ୍ଷା ଦିଅନ୍ତୁ ଏବଂ ଆପଣଙ୍କ ସ୍କୁଲକୁ ବିଏସ୍‌ବି ସହିତ ଜଡିତ କରି ରାଷ୍ଟ୍ର ନିର୍ମାଣର ମହାନ ଯଜ୍ଞରେ ଆପଣଙ୍କର ଭୂମିକା ଗ୍ରହଣ କରନ୍ତୁ।

**ସ୍ୱାସ୍ଥ୍ୟ ବିପ୍ଳବ: ସୁସ୍ଥ ଭାରତ** ଚରକ, ସୁଶ୍ରୁତ, ଧନ୍ୱନ୍ତରୀ ଏବଂ ପତଞ୍ଜଳିଙ୍କ ଭଳି ମହାନ ଋଷିଙ୍କ ଜ୍ଞାନ ଉପରେ ଆଧାରିତ ବୈଜ୍ଞାନିକ ଗବେଷଣା ସହିତ ପତଞ୍ଜଳି ସୁସ୍ଥତା, ଯୋଗଗ୍ରାମ ଏବଂ ନିରାମୟ ଭଳି ବିଶ୍ୱସ୍ତରୀୟ ସମନ୍ୱିତ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠିତ ହୋଇଛି, ଯେଉଁଠାରେ କୋଟି କୋଟି ଲୋକ ସୁସ୍ଥ ହେଉଛନ୍ତି। ସ୍ୱାମୀଜୀଙ୍କ ଆହ୍ୱାନ ହେଉଛି ପ୍ରତ୍ୟେକ ବ୍ୟକ୍ତି ନିଜେ ଯୋଗ କରିବା ଉଚିତ ଏବଂ ଦଶ ଜଣଙ୍କୁ ଯୋଗ କରାଇବା ଉଚିତ। ଯଦି ସଚେତନ ଲୋକଙ୍କ ମଧ୍ୟରୁ ୧% ମଧ୍ୟ ସକାଳେ ଯୋଗ କରନ୍ତି ଏବଂ ଯୋଗ ଉପରେ ଆଧାରିତ ସନାତନ ଜୀବନଶୈଳୀ ଗ୍ରହଣ କରନ୍ତି, ତେବେ ଭାରତର ସ୍ୱାସ୍ଥ୍ୟ ବଜେଟ୍ ଶୂନ୍ୟ ହୋଇପାରେ।

**ଗବେଷଣା ଏବଂ ସମାଧାନ: ବିଜ୍ଞାନ ଏବଂ ପରମ୍ପରାର ଏକ ସଙ୍ଗମ** ୫୦୦ ରୁ ଅଧିକ ପତଞ୍ଜଳି ବୈଜ୍ଞାନିକ ବର୍ଷ ବର୍ଷ ଧରି ଗବେଷଣା ମାଧ୍ୟମରେ ପ୍ରମାଣ-ଭିତ୍ତିକ ପତଞ୍ଜଳି ଔଷଧ ବିକଶିତ କରିଛନ୍ତି, ଯାହା ଯକୃତ, ବୃକକ୍, ହୃଦୟ, ମସ୍ତିଷ୍କ ଏବଂ ଶ୍ୱାସକ୍ରିୟା ପ୍ରଣାଳୀର ରୋଗକୁ ସୁସ୍ଥ କରୁଛି। ୫,୦୦୦ରୁ ଅଧିକ ଗବେଷଣା ପ୍ରୋଟୋକଲ ଏବଂ ୫୦୦ ରୁ ଅଧିକ ଅନ୍ତର୍ଜାତୀୟ ପତ୍ରିକାରେ ଗବେଷଣା ପତ୍ର ପ୍ରକାଶନ ଆୟୁର୍ବେଦକୁ ଗବେଷଣା ଏବଂ ପ୍ରମାଣ-ଭିତ୍ତିକ ଔଷଧର ମାନ୍ୟତା ଦେବାରେ ଏକ ମହାନ କାର୍ଯ୍ୟ କରିଛି।

**ଯୋଗ ଧର୍ମ ଏବେ ଯୁଗଧର୍ମ ହେବା ଉଚିତ: ସନାତନ ହେଉଛି ଏକମାତ୍ର ସମାଧାନ** **ଆଜି ଯୋଗ ଏବଂ ସନାତନ ଧର୍ମ ବିଶ୍ୱର ଆବଶ୍ୟକତା। ପତଞ୍ଜଳି ଯୋଗ ଏବଂ ସନାତନ ମୂଲ୍ୟବୋଧ ମାଧ୍ୟମରେ ଚାପ, ରୋଗ, ସାମାଜିକ ଏବଂ ସାଂସ୍କୃତିକ ଅବକ୍ଷୟ ସହିତ ସଂଘର୍ଷ କରୁଥିବା ବିଶ୍ୱକୁ ଏକ ନୂତନ ଦିଗଦର୍ଶନ ଦେଉଛନ୍ତି। ଆସନ୍ତୁ, ଯୋଗଧର୍ମ ଉପରେ ଆଧାରିତ ସନାତନ ଜୀବନଶୈଳୀ ଗ୍ରହଣ କରିବା।**

**ପାଞ୍ଚଟି ମହାନ ବିପ୍ଳବର ଶଙ୍ଖ** ଶିକ୍ଷା, ଚିକିତ୍ସା, ଅର୍ଥନୈତିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ଭାରତକୁ ଦାସତ୍ୱରୁ ମୁକ୍ତ କରିବା ଏବଂ ଏକ ଅର୍ଥନୈତିକ ଏବଂ ଆଧ୍ୟାତ୍ମିକ ଭାରତ ନିର୍ମାଣ କରିବା ପାଇଁ, ପତଞ୍ଜଳି ଏକ ଲକ୍ଷରୁ ଅଧିକ ଗାଈଙ୍କ ସେବା କରୁଛି ଏବଂ ଗାଈ ପରିବାରକୁ ରକ୍ଷା କରିବା ପାଇଁ ଏକ ବଡ଼ କାର୍ଯ୍ୟ ଯୋଜନାରେ କାମ କରୁଛି।

ପତଞ୍ଜଳିର ଶୁଦ୍ଧ ଏବଂ ସାତ୍ତ୍ୱିକ ଉତ୍ପାଦ ବ୍ୟବହାର କରନ୍ତୁ,

ଭେଜାଲର ବିଷରୁ ଆପଣଙ୍କ ପିଲା ଏବଂ ପରିବାରକୁ ରକ୍ଷା କରନ୍ତୁ।



31 YEARS
ସମ୍ବାଦ କଳିକା

# ବିଦ୍ୟାଳୟ ଓ ଗଣଶିକ୍ଷା କ୍ଷେତ୍ରରେ ଓଡ଼ିଶାର ପ୍ରଗତି

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ପରର୍ଫମାନ୍ସ ଗ୍ରେଡିଂ ଇନଡେକ୍ସ ତାଲିକାରେ ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି ଓଡ଼ିଶା । ମନ୍ତ୍ରଣାଳୟ ପକ୍ଷରୁ ପରର୍ଫମାନ୍ସ ଗ୍ରେଡିଂ ଇଣ୍ଡେକ୍ସର ୨୦୨୩-୨୪ର ତାଲିକା ଜାରି ହୋଇଛି । ଶ୍ରେଷ୍ଠ ୫ ତାଲିକାରେ ଓଡ଼ିଶା ସମେତ ଚଣ୍ଡିଗଡ଼, ପଞ୍ଜାବ, ଦିଲ୍ଲୀ ଓ ଗୁଜୁରାଟ ସ୍ଥାନ ପାଇଛି।

ବିଦ୍ୟାଳୟ ଓ ଗଣଶିକ୍ଷା କ୍ଷେତ୍ରରେ ଓଡ଼ିଶା ୨୦୨୨-୨୩ ତୁଳନାରେ ୨୦୨୩- ୨୪ରେ ଦୁଇ ଗୁଣା ଉନ୍ନତି କରିଥିବା ରିପୋର୍ଟରେ ଦର୍ଶାଯାଇଛି । ୨୦୨୨-୨୩ର ପରର୍ଫମାନ୍ସ ଗ୍ରେଡିଂ ଇଣ୍ଡେକ୍ସ ତାଲିକାରେ ଓଡ଼ିଶାର କୌଣସି ଜିଲ୍ଲା ଉତ୍ତମ-୩ ବର୍ଗରେ ନଥିଲା । ମାତ୍ର ୨୦୨୩- ୨୪ ତାଲିକାର ଉତ୍ତମ-୩ ବର୍ଗରେ ରାଜ୍ୟର କେବଳ ଝାରସୁଗୁଡ଼ା ଜିଲ୍ଲା ସ୍ଥାନ ପାଇଛି । ୬ ଶହ ନମ୍ବରରୁ ଝାରସୁଗୁଡ଼ା ୩୮୩ ସ୍କୋର କରିପାରିଛି ।

୨୦୨୨-୨୩ ତାଲିକାରେ ଓଡ଼ିଶାର ୧୨ ଜିଲ୍ଲା ପ୍ରଚେଷ୍ଟା-୧ ବର୍ଗରେ ଥିଲା। ୨୦୨୩-୨୪ ତାଲିକାରେ ଏହା ଦୁଇ ଗୁଣ ବୃଦ୍ଧି ପାଇ ୨୪ରେ ପହଞ୍ଚିଛି । ପ୍ରଚେଷ୍ଟା-୧ ବର୍ଗରେ ଖୋର୍ଦ୍ଧା, କଟକ, ନୂଆପଡ଼ା, ଜଗତସିଂହପୁର, ଅନୁଗୁଳ, କୋରାପୁଟ, ସୁନ୍ଦରଗଡ଼, ନୟାଗଡ଼, ଢେଙ୍କାନାଳ, ଗଞ୍ଜାମ, ସମ୍ବଲପୁର, କେନ୍ଦ୍ରାପଡ଼ା, କଳାହାଣ୍ଡି, ଭଦ୍ରକ, ସୋନପୁର, ବରଗଡ଼, ମାଲକାନଗିରି, ବାଲେଶ୍ୱର, ଦେବଗଡ଼, କେନ୍ଦୁଝର, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର ଓ ଯାଜପୁର ଜିଲ୍ଲା ସ୍ଥାନ ପାଇଛି। ପ୍ରଚେଷ୍ଟା-୨ ବର୍ଗରେ ୨୦୨୨-୨୩ ତାଲିକାରେ ଓଡ଼ିଶାର ୧୮ଟି ଜିଲ୍ଲା ରହିଥିଲା । ୨୦୨୩-୨୪ ବେଳକୁ ଏହି ତାଲିକାରେ କେବଳ ପୁରୀ, ଗଜପତି, ମୟୂରଭଞ୍ଜ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲା ରହିଛି ।

ଉଲ୍ଲେଖଯୋଗ୍ୟ, ରାଜ୍ୟଗୁଡ଼ିକର ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ମାନ ଯାଞ୍ଚ କରି ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପରର୍ଫମାନ୍ସ ଗ୍ରେଡିଂ ଇନଡେକ୍ସ ରିପୋର୍ଟ ପ୍ରକାଶ କରିଥାଏ । ଏଥିରେ ୬ ବର୍ଗର ୭୪ ସୂଚକାଙ୍କରେ ୬ଶହ ନମ୍ବରରୁ ମୂଲ୍ୟାୟନ କରାଯାଇଥାଏ । ଶିକ୍ଷକ ଉପଲବ୍ଧି ଓ ବୃତ୍ତିଗତ ଉନ୍ନତି, ଭିତ୍ତିଭୂମି, ସୁବିଧା ସୁଯୋଗ, ବିଦ୍ୟାଳୟରେ ନିରାପତ୍ତା ବ୍ୟବସ୍ଥା, ଛାତ୍ର ସୁରକ୍ଷା, ଡିଜିଟାଲ୍ ଶିକ୍ଷା, ଉପସ୍ଥାନ, ନେତୃତ୍ୱ ବିକାଶ ପ୍ରମୁଖ ସୂଚକାଙ୍କୁ ବିଚାରକୁ ନିଆଯାଇଥାଏ ବୋଲି ମନ୍ତ୍ରଣାଳୟ ପକ୍ଷରୁ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ମୋଦୀଜୀ ସୁ-ସ୍ୱାଗତମ୍



ଆଜି ଅପରାହ୍ନରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଓଡ଼ିଶା ଆସୁଛନ୍ତି। ସାଢ଼େ ଚାରି କୋଟି ଓଡ଼ିଆଙ୍କ ସହିତ ମିଶି ମୁଁ ଜଣେ ଓଡ଼ିଆ ଭାବରେ ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହି ପବିତ୍ର ମାଟିକୁ ସ୍ୱାଗତ କରୁଛି। ଏହା ଭିତରେ ମୋଦୀଜୀ ଦେଶର ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ସମ୍ଭାଳିବାର ୧୧ ବର୍ଷ ପୂରଣ ହୋଇସାରିଛି। ମୁଁ ମଧ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ କାମ କରିବାର ପ୍ରଥମ ବର୍ଷ ପୂରଣ କରିସାରିଛି। ଗତ ଗୋଟିଏ ବର୍ଷରେ ମୋଦୀଜୀ ୫ ଥର ଓଡ଼ିଶାକୁ ଆସି ସାରିଛନ୍ତି। ଆଜିର ତାଙ୍କର ଗସ୍ତକୁ ମିଶାଇଲେ ରାଜ୍ୟରେ ଡବଲ ଇଂଜିନ୍ ସରକାର ଗଠନ ପରେ ଷଷ୍ଠ ଥର ପାଇଁ ସେ ଓଡ଼ିଶା ଆସିବେ। ମୋଦୀଜୀଙ୍କ ପୂର୍ବରୁ ଯେତେ ପ୍ରଧାନମନ୍ତ୍ରୀ ହୋଇଛନ୍ତି, ସେମାନେ ମୋଟରେ ଯେତେଥର ଆସିଛନ୍ତି ଆମର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକା ତା ଠାରୁ ଅଧିକ ଥର ଆସିଛନ୍ତି।

ବାରମ୍ବାର ଓଡ଼ିଶାକୁ ଆସିବା ପଛରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଅନନ୍ୟ ସମର୍ପଣ ଭାବ ଏବଂ ଓଡ଼ିଶା ପ୍ରତି ତାଙ୍କର ଅହେତୁକ ଭଲପାଇବା। ବିଜେପିର ଜଣେ ବିଧାୟକ ଭାବରେ ବିଭିନ୍ନ ଦଳୀୟ ଓ ସରକାରୀ କାର୍ଯ୍ୟକ୍ରମରେ ମୋଦୀଜୀଙ୍କ ସହ ମିଶିବା ଓ ଦେଖା ହେବାର ସୁଯୋଗ ମିଳିଥିଲା। ମାତ୍ର ଗତ ଗୋଟିଏ ବର୍ଷରେ ତାଙ୍କ ସହ କେବଳ ଅନେକ ଥର ଦେଖା ହେବାର ସୁଯୋଗ ମିଳିଛି ତା ନୁହେଁ, ବରଂ ଓଡ଼ିଶାର ଦ୍ରୁତ ଆର୍ଥିକ ବିକାଶ ପାଇଁ ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ଭାବଧାରାକୁ ମୁଁ ମର୍ମେ ମର୍ମେ ଅନୁଭବ କରିଛି। ଓଡ଼ିଶାର ବିକାଶ ସାମ୍ନାରେ ଥିବା ଆହ୍ୱାନ ସମୂହକୁ ସମ୍ଭାବନା ରୂପରେ ସେ ଦେଖିଛନ୍ତି ଏବଂ ଏହା ଖୁବଶୀଘ୍ର ଓଡ଼ିଶାକୁ ଆର୍ଥିକ ଦୃଷ୍ଟିରୁ ନିଶ୍ଚୟ ଆଗୁଆ ରାଜ୍ୟରେ ପରିଣତ କରିବ। ତାଙ୍କ ମାର୍ଗଦର୍ଶନ ଓଡ଼ିଶା ବିକାଶ ପାଇଁ ଆମର ଶକ୍ତି ହୋଇଛି। ପିଲାଦିନୁ, ମୁଁ ସାମାଜିକ ଓ ରାଜନୈତିକ କାମରେ ସମ୍ପୃକ୍ତ ଥିବା କାରଣରୁ, ଦେଶ ଓ ରାଜ୍ୟର ଲୋକଙ୍କ ଜୀବନର ମାନ କିପରି ରହିଛି ଓ ସେଥିରେ କେମିତି ଦ୍ରୁତ ବିକାଶ କରି ସେମାନଙ୍କୁ କିପରି ସୁଖ ଓ ସମୃଦ୍ଧିର ରାସ୍ତାରେ ନିଆଯାଇପାରିବ, ସେଥିପାଇଁ ଦିନ-ଦିନ ରାତି-ରାତି ବିଚାର ବିମର୍ଷ କରିଛି। ମୂଳରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ ସ୍ୱୟଂସେବକ, ପରେ ଶିଶୁ ମନ୍ଦିରରେ ଶିକ୍ଷକ, ସରପଞ୍ଚ, ବିଧାୟକ ଓ ବିଧାନସଭାରେ ଜଣେ ବିରୋଧୀ ଦଳ ନେତା ଭାବେ ରାଜ୍ୟରେ ସାଧାରଣ ଲୋକଙ୍କ ଜନ ଆକାଂକ୍ଷାକୁ ପ୍ରତିଫଳିତ କରିବା ପାଇଁ ଉଦ୍ୟମ କରିଥିଲି। ୨୦୦୦ ମସିହାରେ ବିଧାୟକ ଭାବରେ ବିଧାନସଭାକୁ ଆସିବା ସହ ୨୦୨୪ ମସିହାରେ ମୁଖ୍ୟମନ୍ତ୍ରୀ ହେବା ପର୍ଯ୍ୟନ୍ତ ଏହି ଅଢ଼େଇ ଦଶନ୍ଧି, ମୁଁ ପୂରା ମୋ ବ୍ୟକ୍ତିଗତ ଜୀବନକୁ ଭୁଲି ଲୋକ ସେବାରେ ନିଜକୁ ସମର୍ପିତ କରିଛି। ଏବେ ଓଡ଼ିଶାର ବିକାଶର ମଂଗ ଧରିବାର ଦାୟିତ୍ୱ ଜନ ମଙ୍ଗଳ ପାଇଁ ମୋର ବିଗତ ତିନି ଦଶନ୍ଧିର ଅନୁଭବ, ଅନୁଭୂତି, ଅଙ୍ଗେନିଭା କଥା, ସର୍ବୋପରି ବିଜେପି ଓ ନରେନ୍ଦ୍ର ମୋଦୀଜୀଙ୍କର ବିକାଶର ଅବଧାରଣା ମୋତେ ଅନେକ ସଂକଳ୍ପ ଆଣିଦେଇଛି। ସଂକଳ୍ପରୁ ସିଦ୍ଧି ରାସ୍ତାରେ ୪.୫ କୋଟି ଓଡ଼ିଆ ମୋର ସହଯାତ୍ରୀ। ଯଦି ଆମେ ପ୍ରତ୍ୟେକ ଓଡ଼ିଆ ଆମର ବିକାଶ ଯାତ୍ରାରେ ସାମିଲ ହୋଇ ସମସ୍ତେ ପାଦେ ପାଦେ ଚାଲିବା ତାହେଲେ ଆମେ ମିଳିତ ଭାବେ ୪.୫ କୋଟି ପାଦ ଆଗକୁ ବଢ଼ିବା। ମୋଦୀ ଶାସନର ପ୍ରଥମ ସର୍ତ୍ତ ହେଉଛି ଜନଭାଗିଦାରୀ। ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ ଆମ ପାଇଁ ମୋଦୀ ମନ୍ତ୍ର। ମୋଦୀଜୀଙ୍କ ୧୧ ବର୍ଷର ଶାସନ ଆମର ପଥ ପ୍ରଦର୍ଶକ। ସାଧାରଣ ଗରୀବ ଘରୁ ଜୀବନରେ ସଂଘର୍ଷ କରିଥିବା ମୋଦୀଙ୍କ ଚିନ୍ତାଧାରା ସରକାରଙ୍କ କାର୍ଯ୍ୟକ୍ରମରେ ରୂପାନ୍ତରିତ ହେଲା, ତ ଦେଶରେ ଗରୀବଙ୍କ କଲ୍ୟାଣର ନୂଆଯୁଗ ଆରମ୍ଭ ହେଲା। ଗରୀବ ପରିବାର ପାଇଁ ବିଶେଷ କରି ମା ଓ ଭଉଣୀଙ୍କ ପାଇଁ ଶୌଚାଳୟ କ'ଣ କମ୍ ବଡ଼ କଥା ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ ଶୌଚାଳୟ କଥା କହି ସ୍ୱଚ୍ଛତାକୁ ଏକ ଜନଆନ୍ଦୋଳନ କଲେ। ଉଜ୍ଜ୍ୱଳା ଯୋଜନା ଗରୀବ ପରିବାରର ରୋଷେଇ ଘରେ ଖାଲି ବିପ୍ଳବ ଆଣିଲାନି, ମହିଳାଙ୍କ ସମୟ, ପିଲାଙ୍କ ପାଠପଢ଼ା ଓ ଆର୍ଥିକ ଗତିବିଧି ଆଡ଼କୁ ଗଲା। ଜନଧନ ଯୋଜନାରେ ବ୍ୟାଙ୍କ ଖାତା ଯୋଜନା ଓ ହିତାଧିକାରୀଙ୍କ ମଧ୍ୟରେ ମଧ୍ୟସ୍ଥି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଶେଷ କରିଦେଲା। ଡିବିଟି ବା ସିଧା ସିଧା ବ୍ୟାଙ୍କ ଖାତାରେ ଟଙ୍କା ଜମା ହେବା, ଆମ ଦେଶରେ ବଡ଼ ପରିବର୍ତ୍ତନ ଆଣିଲା। ଡିଜିଟାଲ ଇଣ୍ଡିଆରେ ନିପଟ ମଫସଲ ମଧ୍ୟ ସାମିଲ। କେନ୍ଦୁଝରର ଅପହଞ୍ଚ ଅଞ୍ଚଳରେ ବି ଆମ ପିଲା ଡ଼ିଜିଟାଲ ପେମେଣ୍ଟ କରୁଛନ୍ତି। ଗରୀବ କଲ୍ୟାଣର ପଥ ପ୍ରଦର୍ଶକ ମୋଦୀଜୀଙ୍କର ଓଡ଼ିଶାକୁ ଭଲପାଇବା ସ୍ୱତନ୍ତ୍ର। ଯୁବାବସ୍ଥାରେ ଅହମ୍ମଦାବାଦର ଜଗନ୍ନାଥ ମନ୍ଦିରରେ ତାଙ୍କର ସମୟ କଟିଛି। ୨୦୧୪ ମସିହାରେ ନିର୍ବାଚନ ପୂର୍ବରୁ ବିଜେପି କ୍ୟାମ୍ପେନ୍ କମିଟିର ଅଧ୍ୟକ୍ଷ ଭାବରେ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ଓଡ଼ିଶା ଓ ଗୁଜରାଟ ମଧ୍ୟରେ ଥିବା ଭାବଗତ ସମ୍ପର୍କ ବିଷୟରେ ଅନେକ କଥା କହିଥିଲେ। ପୂର୍ବଭାରତର ଉଦିତ ସୂର୍ଯ୍ୟଙ୍କ ଆରାଧନା ପାଇଁ ଯେମିତି ସୂର୍ଯ୍ୟ ମନ୍ଦିର ରହିଛି, ଠିକ ସେମିତି ପଶ୍ଚିମ ଭାରତରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାପାଇଁ ଗୁଜରାଟରେ ସୂର୍ଯ୍ୟ ମନ୍ଦିର ଅଛି। ସେତେବେଳେ ମୋଦୀଜୀ କହିଥିଲେ ଗୁଜରାଟରେ ଏମିତି ଜିଲ୍ଲା ନାହିଁ, ଯେଉଁଠି ଗୁଜରାଟର ବିକାଶ ପାଇଁ ଓଡ଼ିଆ ଲୋକମାନଙ୍କର ଖୁନ୍-ପସିନା ଲାଗିନାହିଁ। ମହାପ୍ରଭୁଙ୍କ ଆଶୀର୍ବାଦରୁ ସେ ଦେଶର ପ୍ରଧାନମନ୍ତ୍ରୀ ହେବା ୧୧ ବର୍ଷ ବିତି ସାରିଲାଣି। ଗତ ନିର୍ବାଚନ ପ୍ରଚାର ସମୟରେ ମୋଦୀଜୀ ବାରମ୍ବାର କହୁଥିଲେ, ଓଡ଼ିଶା ଧନୀ, ମାତ୍ର ଓଡ଼ିଆମାନେ ଗରୀବ। ବିଗତ ୩୦ ବର୍ଷ ଧରି ମୋର ସାମାଜିକ ରାଜନୈତିକ ଜୀବନରେ ଓଡ଼ିଶା ସଂପଦରେ ଭରପୁର ମାତ୍ର ଲୋକ ଗରୀବ ଉପାଖ୍ୟାନ ଶୁଣି ଶୁଣି ଆସୁଛି। ଏବେ ସମୟ ଆସିଛି, ଖୋଦ୍ ମୋଦୀଜୀଙ୍କ ମାର୍ଗଦର୍ଶନରେ ସମଗ୍ର ଓଡ଼ିଶାରେ ସାଧାରଣ ଗରୀବ ଓଡ଼ିଆ ଲୋକଙ୍କୁ ମଧ୍ୟ ସମାନ ଭାବରେ ଆର୍ଥିକ ଦୃଷ୍ଟିରୁ ମଜବୁତ କରିବାର। ମହାପ୍ରଭୁ ଆମକୁ ଅମାପ ପ୍ରାକୃତିକ ଖଣିଜ ସଂପଦ, ସୁଦୀର୍ଘ ବେଳାଭୂମି, ଜଳ ସଂପଦ, ଜଙ୍ଗଲ ସଂପଦ, ଆଦିବାସୀ ଜନସଂଖ୍ୟା ତଥା ବୁଦ୍ଧିମାନ ଓ ପରିଶ୍ରମୀ ମାନବ ସମ୍ବଳ ଦେଇଛନ୍ତି। ସମୟ ଥିଲା ଆମର ସାଧବ ପୁଅମାନେ ୧୨ ନଈ ୧୩ ସମୁଦ୍ର ଡେଇଁ ବେପାର ବଣିଜ କରୁଥିଲେ। ଓଡ଼ିଶାକୁ ଖାଲି ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଏକ ଅଗ୍ରଣୀ ଭୂଖଣ୍ଡ କରିବା ପାଇଁ ସବୁ ଉପାଦାନ ଅଛି। ଆଜି ମୋଦୀଜୀଙ୍କ ଗରିମାମୟ ଉପସ୍ଥିତିରେ ଓଡ଼ିଶାର ୧ ବର୍ଷର ବିକାଶ ଏବଂ ୨୦୩୬ ଓ ୨୦୪୭ର ରାଜ୍ୟ ଓ ଦେଶ ବିକାଶର ଚର୍ଚ୍ଚାହେବ। ଏପରି ସୁନ୍ଦର ମୁହୂର୍ତ୍ତରେ ବିକଶିତ ଓଡ଼ିଶା ପାଇଁ ଆମର ପ୍ରତିଟି ସଂକଳ୍ପ ମୋ ଆଖି ଆଗରେ ନାଚି ଯାଉଛି। ସମୟବଦ୍ଧ ଯୋଜନା ମାଧ୍ୟମରେ ସେ ସବୁକୁ ସଫଳତାର ରୂପ ଦେଇ ସାଧାରଣ ଓଡ଼ିଆ ପରିବାର ବିଶେଷ ଭାବରେ ମହିଳା, କୃଷକ, ଯୁବକ ଓ ଗରୀବଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବା ପାଇଁ ଆମ ସରକାରଙ୍କ ସଂକଳ୍ପକୁ ଆପଣଙ୍କ ପାଖରେ ଦୋହରାଉଛି । ସମସ୍ତଙ୍କ ମୁଣ୍ଡ ଉପରେ ପକ୍କା ଘର, ଘରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ, ଘରେ ଘରେ ସ୍ୱଚ୍ଛ ଇନ୍ଧନ। ସ୍କୁଲ, ଡାକ୍ତରଖାନାର ସୁବନ୍ଦୋବସ୍ତ। ଥାନା ତଥା ସରକାରୀ ଅଫିସ୍‌ମାନଙ୍କ ଦ୍ୱାରା ଲୋକଙ୍କ ସୁରକ୍ଷା ଓ ଶାନ୍ତିର ବ୍ୟବସ୍ଥା ଆମର ମୂଳ ଦାୟିତ୍ୱ। ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ଗରୀବ ଓ ଆର୍ଥିକ ପଛୁଆ ଲୋକମାନଙ୍କୁ ଖାଦ୍ୟ, ଆର୍ଥିକ ସହାୟତା ଓ ମାଗଣା ସରକାରୀ ସେବା ଆମ ଗରୀବ କଲ୍ୟାଣ ବିଚାରର ମୂଳ ଆଧାର। ନାଗରିକମାନଙ୍କର ବ୍ୟକ୍ତିଗତ ଓ ପରିବାରର ଆବଶ୍ୟକତା ପୂରଣ ଆମର ପ୍ରାଥମିକତା। କିନ୍ତୁ ରାଜ୍ୟକୁ ଆର୍ଥିକ ଦୃଷ୍ଟିରୁ ଆଗକୁ ନେବାପାଇଁ ପୁଞ୍ଜି ଆକର୍ଷଣ ମାଧ୍ୟମରେ ଶିଳ୍ପାୟନକୁ ଆମେ ପ୍ରଥମ ବର୍ଷରେ ପ୍ରାଥମିକତା ଦେଇଛୁ। ମୋଦୀ ଗ୍ୟାରେଣ୍ଟି ସହ ଗୋଟିଏ ବର୍ଷରେ ୧୭ ଲକ୍ଷ କୋଟିର ପୁଞ୍ଜିନିବେଶ ପାଇଁ ପ୍ରସ୍ତାବ ଆସି ଅନେକ କ୍ରିୟାନ୍ୱୟନର ବିଭିନ୍ନ ପର୍ଯ୍ୟାୟରେ ପହଞ୍ଚିଲାଣି। କେବଳ ଖଣି ଆଧାରିତ ପ୍ରଗତି ନୁହେଁ, ବରଂ ଆଇଟି, ଅକ୍ଷୟ ଶକ୍ତି, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଶିଳ୍ପ, ସେମି କଣ୍ଡକ୍ଟର ଆଦି କ୍ଷେତ୍ରରେ ମଧ୍ୟ ଓଡ଼ିଶା ଆଜି ଦ୍ରୁତ ପ୍ରଗତି ମୁହାଁ। ଓଡ଼ିଶାର ତହବିଲକୁ ଅଧିକ ଟଙ୍କା ଆସିବା ପାଇଁ ମୋଦୀଜୀ ବାଟ ଖୋଲି ଦେଇଥିଲେ। ଖଣିଜ ସଂପଦରେ ପରିପୂର୍ଣ୍ଣ ଓଡ଼ିଶାର ବଜେଟ୍ ଆକାର ବୃଦ୍ଧି ପଛରେ ଥିଲା ମୋଦୀ ସରକାରଙ୍କ ଖଣିଜ ନୀତି। ଖଣି ନିଲାମିର ଅର୍ଥ ଏବଂ ଡିଏମ୍‌ଏଫ୍ ପାଣ୍ଠି ଆମ ବଜେଟ୍‌କୁ ବଡ଼ କରିଛି। ଏହା ମୋଦୀଜୀଙ୍କ ଯୋଗୁ ସମ୍ଭବପର ହୋଇପାରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଆମ ବଜେଟ୍ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାରେ ପହଞ୍ଚିଛି। ୨୦ ବର୍ଷ ପୂର୍ବେ ପୁରା ରାଜ୍ୟ ବଜେଟ୍‌ର ଆକାର ଯାହା ଥିଲା ଏବେ ଗୋଟିଏ ଗୋଟିଏ ବିଭାଗର ବଜେଟ୍ ଆକାର ସେତିକି ହେଲାଣି। ମାତ୍ର ରାଜ୍ୟ ଧନୀ ଏବଂ ଲୋକ ଗରୀବ। ଏ ଯନ୍ତ୍ରଣାରୁ ଆମକୁ ଉପରକୁ ଉଠିବାକୁ ପଡ଼ିବ। ଖଣି ଆଧାରିତ ଅର୍ଥନୀତି ନୁହେଁ, ବରଂ ଓଡ଼ିଆ ମହିଳା, କୃଷକ, ଯୁବକ ଓ ଗରୀବମାନଙ୍କୁ କିପରି ବିକାଶ କାମରେ ସାମିଲ କରି ସେମାନଙ୍କର କ୍ରୟଶକ୍ତିକୁ ବଢ଼ାଯାଇପାରିବ ସେଥିପାଇଁ ଆମେ ଯୋଜନାବଦ୍ଧ ଭାବରେ କାମ ଆରମ୍ଭ କରିଛୁ। ଆଜି ମୋଦୀଜୀଙ୍କୁ ସ୍ୱାଗତ କରିବା ଅବସରରେ ମୋର ପ୍ରିୟ ଓଡ଼ିଆ ଭାଇ ଭଉଣୀମାନଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛି। ଆମ ସରକାରରେ ମନ୍ତ୍ରୀ ଠାରୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଆପଣଙ୍କ ସୁଖ-ଦୁଃଖର ସାଥି ହୋଇ ରହିବେ। ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥା ସାଧାରଣ ଗରୀବଙ୍କ ହିତରେ ରହିବ। ଓଡ଼ିଶା ଧନୀ ମାତ୍ର ଓଡ଼ିଆ ଗରୀବ - ଏଥିରୁ ବାହାରି ପ୍ରତି ପରିବାର ପର୍ଯ୍ୟନ୍ତ ରୋଜଗାର ସୁଯୋଗ ପହଞ୍ଚାଇବା ଆମର ପ୍ରାଥମିକତା ହେବ।

ଜୟ ଜଗନ୍ନାଥ !



ନୀଳମୋହନ ତ୍ରିପାଠୀ
ସଂଗଠନ ସମ୍ପାଦକ
ଓଡ଼ିଶା ଅବସର ପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି,
ମୋ -୭୯୭୮୦୪୧୩୩୧/ ୯୪୩୭୧୦୩୪୪୮

# ଅଭିନନ୍ଦନ ମାନ୍ୟବର ମୁଖ୍ୟମନ୍ତ୍ରୀ

ତା ୧୨/୦୬/ ୨୦୨୪ରିଖ ଓଡ଼ିଶାର ରାଜନୈତିକ ଓ ପ୍ରଶାସନିକ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନ ଭାବରେ ବିବେଚନା କରାଯିବ। ଏହି ଦିନ ୧୦ ବର୍ଷର ବିଜୁ ଜନତା ଦଳ ଓ ଭାରତୀୟ ଜନତା ଦଳର ମିଳିତ ସରକାର ଏବଂ ୧୪ ବର୍ଷର ଏକାଦିକ୍ରମେ ବିଜୁ ଜନତା ଦଳ ଶାସନର ଅନ୍ତ ଘଟିଲା। ଭାରତୀୟ ଜନତା ଦଳ ୨୦୨୪ ମସିହା ବିଧାନସଭା ନିର୍ବାଚନରେ ଏକକ ସଂଖ୍ୟା ଗରିଷ୍ଠ ହାସଲ କଲା। ତା ୧୨/୦୬/ ୨୦୨୪ରିଖ ଦିନ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦୀଙ୍କ ଉପସ୍ଥିତିରେ ସରଳ ଆଦିବାସୀ ନେତା ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାରର ଶପଥ ଗ୍ରହଣ ଉତ୍ସବ ହୋଇଥିଲା। ଗୃହ ବିଭାଗ ଦାୟିତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରହିଲେ। ନୂତନ ସରକାର ପୋଲିସ ବିଭାଗର କାର୍ଯ୍ୟ ଦକ୍ଷତା ବଢାଇବା ପାଇଁ ବିଗତ ଦିନ ମାନଙ୍କରେ ୧୬୦୦୦ରୁ ଅଧିକ ପୋଲିସ ପଦବୀ ସୃଷ୍ଟି କରିଛନ୍ତି। ମାଓ ଦମନ ପାଇଁ ୩୦୦୯, ଶ୍ରୀ ମନ୍ଦିର ସୁରକ୍ଷା ବାହିନୀ ପାଇଁ-୧୦୮୩, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପାଇଁ -୧୩୧, ସାଇବର ଅପରାଧ ବଳ କରିବା ପାଇଁ ୧୦୬୩, ଟ୍ରାଫିକ୍ ସୁପରିଚାଳନା ପାଇଁ ୨୦୦୦, ଆଇନ୍ ଶୃଙ୍ଖଳା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବା ପାଇଁ ୫୧୨୬ ଗୃହରକ୍ଷୀ, ଲଘୁ ଖଣିଜ ସଂପଦର ରକ୍ଷଣା ବେକ୍ଷଣ ପାଇଁ ୩୧୨୦, ବୈଜ୍ଞାନିକ ପଦ୍ଧତିରେ ତଦନ୍ତ କରିବା ସେବା ପାଇଁ ୨୫୬, କାରାଗାର ସୁରକ୍ଷା ପାଇଁ ୨୬୭, ତଟ ସୁରକ୍ଷା ପାଇଁ ୨୮୦ ପଦବୀ ସୃଷ୍ଟି କରିବା ସହ ଓଡ଼ିଶା ଶିଳ୍ପ ନିରାପତ୍ତା ବାହିନୀ ଗଠନ କରଛନ୍ତି। ତଦନ୍ତକାରୀ ପୋଲିସ ଅଧିକାରୀ ମାନେ ଦକ୍ଷତାର ସହ ତଦନ୍ତ କରିବାକୁ ପ୍ରତ୍ୟେକ ପୋଲିସ ମାମଲା ପାଇଁ ଅର୍ଥବିଭାଗ ଚିଠି ନଂ-୧୦୯୩୫/ ଏବଂ ତା ୦୪-୦୪-୨୦୨୫ ରିଖ ଅର୍ଥ ପ୍ରଦାନ କରିଛନ୍ତି। ଗତ ତା ୧୦-୦୬-୨୦୨୫ ରିଖରେ ଭୁବନେଶ୍ୱର ଡିସିପି କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ କମିଶନରେଟ ପୋଲିସର ତଦନ୍ତକାରୀ ଅଫିସରମାନଙ୍କ ପାଇଁ ୪୨୫ ମୋଟର ସାଇକେଲ୍ ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ୪୨କୋଟି ଟଙ୍କାରେ ନିର୍ମିତ ୧୪ଟି ଥାନାର ନୂତନ ଗୃହ ଉଦ୍‌ଘାଟନ କରି ସର୍ବସାଧାରଣରେ ଅଭିନନ୍ଦନର ପାତ୍ର ହୋଇଛନ୍ତି।

ପୋଲିସ ଅଧିକାରୀମାନେ ପୋଲିସ ବିଭାଗରେ ତାଙ୍କର କର୍ତ୍ତବ୍ୟ ସଂପାଦନ କରି ଅବସର ପ୍ରାପ୍ତ ପରେ ସମାଜର ମୁଖ୍ୟ ସ୍ରୋତକୁ ଫେରି ଆସି ସାଧାରଣ ଜୀବନ ଯାପନ କରିବାକୁ ପଡେ। ସେମାନେ ପୋଲିସ ବିଭାଗରେ କାର୍ଯ୍ୟ ସଂପାଦନ କରିବା ବେଳେ, ଆଇନ୍ ପରିସରରେ ଯାହାର କାର୍ଯ୍ୟ ସଂପାଦନ ହୁଏ ନାହିଁ, ସେ ପୋଲିସ ଅଧିକାରୀଙ୍କର ଶତ୍ରୁ ଆଚରଣ କରନ୍ତି। ପୋଲିସରେ ଅଭିଯୋଗ କରି ଥିବା ବ୍ୟକ୍ତି ଆଶା ବ୍ୟକ୍ତ କରନ୍ତି ସେ ଯାହା ଅଭିଯୋଗ କରିଛନ୍ତି ସେଇ ଅନୁସାରେ ଅଭିଯୁକ୍ତ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେଉ। କିନ୍ତୁ ପୋଲିସ ଆଇନର ଗଣ୍ଡି ମଧ୍ୟରେ ତଦନ୍ତ କରି ଆଇନ୍ ଅନୁଯାୟୀ କାର୍ଯ୍ୟ କରନ୍ତି। ସେଥିପାଇଁ ଯାହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୁଏ ସିଏ ପୋଲିସ ଅଧିକାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରନ୍ତି। ପୋଲିସ ଚାକିରି କରିଥିବା ବେଳେ ସରକାରଙ୍କର ସୁରକ୍ଷା ଥାଏ। ଅବସର ପ୍ରାପ୍ତ ପରେ ସେ ସୁରକ୍ଷା ନ ଥାଏ। ସମାଜରେ ସେ ସାଧାରଣ ଲୋକଙ୍କ ପରି ବରିଷ୍ଠ ନାଗରିକ ହିସାବରେ ଜୀବନ ଅତିବାହିତ କରିବାକୁ ପଡେ। କୌଣସି ପୋଲିସ କେସ୍ ପାଇଁ କୋର୍ଟକୁ ସାକ୍ଷୀ ଦେବାକୁ ଆସିବା ବେଳେ ଭୁବନେଶ୍ୱର ରହିବା ପାଇଁ କୌଣସି ସୁବିଧା ନ ଥାଏ। କୌଣସି ସରକାରୀ କାର୍ଯ୍ୟ କିମ୍ବା ନିଜ ସ୍ୱାସ୍ଥ୍ୟ ପାଇଁ ଭୁବନେଶ୍ୱର କଟକ ଆସିଲେ ତାକୁ ବହୁତ ହଇରାଣ ହେବାକୁ ପଡେ ରାତ୍ର ରହଣି ପାଇଁ। ଏପରିକି କିଛି ଅସମାମାଜିକ ବ୍ୟକ୍ତି ଯାହାଙ୍କ ବିରୁଦ୍ଧରେ ପୋଲିସ ଅଧିକାରୀ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ କରିଥାନ୍ତି ସେମାନଙ୍କର ଠାରୁ ଟାହି ଟାପରା ଶୁଣିବାକୁ ପଡେ। ସେଥିପାଇଁ ଅବସର ପ୍ରାପ୍ତ ପୋଲିସ କମଚାରୀ ମାନଙ୍କ ପାଇଁ କୌଣସି ସାମାଜିକ ସୁରକ୍ଷା ନାହିଁ।

ଓଡ଼ିଶା ପୋଲିସ ପ୍ରତିଷ୍ଠିତ ହୋଇଥିଲା ୧୯୩୬ ମସିହା ଏପ୍ରିଲ ମାସ ପ୍ରଥମ ଦିନ। ଏହି ଦିନ ପୋଲିସ ପ୍ରତିଷ୍ଠା ଦିବସ ପାଳନ କରାଯାଏ। ବିଗତ ଦିନ ମାନଙ୍କରେ ଓଡ଼ିଶା ପୋଲିସ ବାହିନୀରେ କାର୍ଯ୍ୟରତ ଥିବା ବନ୍ଧୁମାନେ ସଫଳତାର ସହ ସନ୍ତ୍ରାସବାଦୀ କାର୍ଯ୍ୟକଳାପ, ବାମପନ୍ଥୀ ଉଗ୍ରବାଦ ଆଇନ ଶୃଙ୍ଖଳା, ଅପରାଧ ଦମନରେ କାର୍ଯ୍ୟ କରି ମୃତ୍ୟୁ ବରଣ କରି ଶହୀଦ ହୋଇଛନ୍ତି। ସେମାନେ ଓଡ଼ିଶା ମା'ମାଟିର ସମ୍ମାନ, ସମାଜରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ତାଙ୍କର ଜୀବନ ଉତ୍ସର୍ଗ କରିଛନ୍ତି। କିନ୍ତୁ ଦୁଃଖର ସହ କହିବାକୁ ପଡୁଛି ସେମାନଙ୍କ ସ୍ମୃତିରକ୍ଷା ପାଇଁ ଏ ପର୍ଯ୍ୟନ୍ତ କୌଣସି ଶହୀଦ ମେମୋରିଆଲ ବା ଶହୀଦ ସ୍ମୃତି ସ୍ଥଳ ହୋଇନାହିଁ, ଦିଲ୍ଲୀରେ ଶହୀଦ ମାନଙ୍କ ପାଇଁ ଶହୀଦ ମେମୋରିଆଲ୍ ବା ୱାର ମେମୋରିଆଲ୍ ଅଛି। ସେହିପରି ଭୁବନେଶ୍ୱରରେ ଏକ ଶହୀଦ ସ୍ମୃତି ସ୍ଥଳ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରୁଛୁ। ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ବିଗତ ୨୦୧୫ ମସିହା ଠାରୁ ଭୁବନେଶ୍ୱର ଶହୀଦ ସ୍ମୃତି ସ୍ଥଳ କରିବାକୁ ସରକାରଙ୍କୁ ନିବେଦନ କରିଆସୁଛି। ବିଗତ ନଭେମ୍ବର ମାସ ୨୦୨୪ରେ ଭୁବନେଶ୍ୱରରେ ହୋଇଥିବା ସର୍ବଭାରତୀୟ ଆରକ୍ଷୀ ମହାନିର୍ଦ୍ଦେଶକ ସମ୍ମିଳନୀ ସମୟରେ ମାନ୍ୟବର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କୁ ଏକ ସ୍ମାରକ ପତ୍ର ପ୍ରେରିତ କରାଯାଇଥିଲା। ଏହି ସ୍ମାରକ ପତ୍ରର ନକଲ ଆମର ମାନ୍ୟବର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୃହ ବିଭାଗ, ଆରକ୍ଷୀ ମହାନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଥିଲା। ମାନ୍ୟବର କେନ୍ଦ୍ର ଗୃହମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଓଡ଼ିଶା ଅବସର ପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିକୁ ଜଣାଇ ଦିଆଗଲା ଯେ, ଏହା ରାଜ୍ୟ ସରକାରଙ୍କ କାର୍ଯ୍ୟ। ରାଜ୍ୟ ସରକାର ଏକ ବର୍ଷ ପାଳନ ପାଇଁ ଆଗାମୀ ଦିନ ମାନଙ୍କରେ ବହୁ କାର୍ଯ୍ୟକ୍ରମ ଘୋଷଣା କରିବେ। ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ଦାମୋଦର ଦାସ ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା ଓ ବହୁ କେନ୍ଦ୍ରମନ୍ତ୍ରୀ ଏହି ବର୍ଷ ପୁରଣ ଉତ୍ସବରେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ଆମେ ବିନମ୍ର ନିବେଦନ କରୁଛୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ତରଫରୁ ଭୁବନେଶ୍ୱରରେ ଏକ ଶହୀଦ ସ୍ମାରକୀ କରିବା ପାଇଁ ଘୋଷଣା କଲେ ବିଗତ ଦିନ ମାନଙ୍କରେ ଓଡ଼ିଶା ପୋଲିସର ଶହୀଦ ମାନଙ୍କ ପାଇଁ ହୁଅନ୍ତା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ। ଜୟ ଜଗନ୍ନାଥ। ବନ୍ଦେ ଉତ୍କଳ ଜନନୀ।

ଶରତ କୁମାର ଜେନା
ଶାନ୍ତିନିକେତନ

# ରବୀନ୍ଦ୍ରନାଥଙ୍କ ଛବିତା(ଡୁଡୁଲିଙ୍ଗ୍)

ରବୀନ୍ଦ୍ରନାଥ ଏକାସାଙ୍ଗରେ କବିତା ଲେଖୁଥିଲେ ଓ ଛବି ଆଙ୍କୁଥିଲେ ତାର ପ୍ରମାଣ ତାଙ୍କର ଅନେକ କବିତା ଓ ଗୀତର ପାଣ୍ଡୁଲିପିରେ ଦେଖିବାକୁ ମିଳେ। ସେସବୁ କବିତା ଓ ଛବିର ଅପୂର୍ବ ସମନ୍ୱୟକୁ ଛବିତା କୁହାଯାଏ।

ଜଣେ ଫରାସୀ ସମାଲୋଚକ ଥରେ କହିଥିଲେ, ରବୀନ୍ଦ୍ରନାଥ ଯେତେବେଳେ କବିତା ଲେଖନ୍ତି ସେତେବେଳେ ଚିତ୍ର ବି ଆଙ୍କନ୍ତି। ଆଉ ଯେତେବେଳେ ଚିତ୍ର ଆଙ୍କନ୍ତି, ସେତେବେଳେ ଲେଖନ୍ତି କାବ୍ୟ। ରାଣୀ ଚନ୍ଦଙ୍କର 'ଆଳାପଚାରୀ ରବୀନ୍ଦ୍ରନାଥ' ପୁସ୍ତକ ଅନୁସାରେ- ରବୀନ୍ଦ୍ରନାଥ କହିଛନ୍ତି, 'ମୋର ଚିତ୍ରକୁ ନନ୍ଦଲାଲ୍ ବସୁ ଏତେ ଭଲ କାହିଁକି କହୁଛନ୍ତି, ମୁଁ ଜାଣିନି। ସେଗୁଡିକ ମୋର ଗୋଟିଏ ଦର୍ଶନ ମାତ୍ର। ଦିନେ ଦେଖିଲି, ଶାନ୍ତି ନିକେତନରେ ଥିବା ବଡ଼ ବଡ଼ ଗଛଗୁଡ଼ିକର ଡାଳ ଗୁଡ଼ିକ ବିଭିନ୍ନ ପ୍ରକାର ପଶୁ ମୂର୍ତ୍ତି ଭଳି ଦେଖାଯାଉଛି। ଚିତ୍ରରେ ସେଇ ଦର୍ଶନଟିକୁ ରୂପାୟିତ କରିବାକୁ ଚେଷ୍ଟା କରିଛି।'

ରବୀନ୍ଦ୍ରନାଥ କବିତା ଲେଖିଲାବେଳେ ଶବ୍ଦ ଓ ପଦଗୁଡିକୁ ସଜେଇବା ପାଇଁ ବହୁ କଟାକଟି କରି ସେଇ ଜାଗାରେ ଚିତ୍ର ଭଳି କିଛି ଆଙ୍କି ଦେଉଥିଲେ। ଇଂରାଜୀରେ ଏହାକୁ 'ଡୁଡୁଲିଙ୍ଗ୍' ବୋଲି କୁହାଯାଏ। ରବୀନ୍ଦ୍ରନାଥଙ୍କ କବିତାରେ ଡୁଡୁଲିଙ୍ଗର ଦୁଇ ତିନୋଟି ସହଜ ଦୃଷ୍ଟାନ୍ତ ଦେଖନ୍ତୁ।

ଗୀତବିତାନ୍ ବୈଶାଖ ୧୩୮୯ ବଙ୍ଗାବ୍ଦର ମୁଦ୍ରଣ। କବିରବିଙ୍କ ସେଇ ଗୀତସାଗରରେ ଦୁଇଟି ଚିତ୍ରଣର ଭେଳା ଭାସୁଥିବାର ଦେଖିବାକୁ ମିଳେ। ପ୍ରଥମଟି 'ବିବିଧ ବନ୍ଧନ କାଟବେ ତୁମି, ଏମନ୍ ଶକ୍ତିମାନ୍' ଗୀତଟିର ପାଣ୍ଡୁଲିପି ଦେଖିଲେ ମନେହୁଏ, କବି କିଛି କହିବାକୁ ଯାଇ ପୁଣି କିଛି ଶବ୍ଦର ଅଦଳ ବଦଳ କରିଛନ୍ତି। ତେବେ ସେ କେବଳ ଶବ୍ଦ କଟାକଟି କରିନାହାନ୍ତି, କଟାଶବ୍ଦଗୁଡିକୁ କାଳି ଦେଇ କଳା କରିଛନ୍ତି, ଗୋଲ୍ ଗୋଲ୍ କରି ଗୁଡ଼େଇ ପତ୍ର, ଫୁଲ ଓ କଢିର ଆକାର ଦେଇଛନ୍ତି। ଶେଷରେ ତାକୁ ଯୋଡ଼ିଯାଡି ଦେଇ ଗୋଟିଏ ଲତାରେ ପରିଣତ କରିଛନ୍ତି। ମଜାର କଥା ହେଲା, ଗୀତଟିର ଭାବ ସହିତ ଚିତ୍ରଟିର କିନ୍ତୁ କୌଣସି ସମ୍ପର୍କ ନାହିଁ। ନିଛକ ଅଳଙ୍କରଣ।

'ହେ ମାଧବୀ, ଦ୍ୱିଧା କେନ' ଗୀତଟି ସହିତ ପାଣ୍ଡୁଲିପିର ଯେଉଁ ଚିତ୍ର ରହିଛି ତାହା ସମ୍ପୂର୍ଣ୍ଣ ଅଲଗା। କବି ସାଦା ପୃଷ୍ଠାରେ କେବଳ ଗୀତର ଅକ୍ଷର ଗୁଡ଼ିକୁ ବାଦ୍ ଦେଇ ବାକି ପୃଷ୍ଠାଗୁଡ଼ିକ କଳା କରି ଦେଇଛନ୍ତି। ଡାହାଣ ପାର୍ଶ୍ୱରେ ଗୋଟିଏ ଦୀର୍ଘ ନାରୀମୂର୍ତ୍ତି। ସତେ ଯେମିତି ଗୋଟିଏ ଅଶରୀରି ଭାବ।

ରବୀନ୍ଦ୍ରନାଥଙ୍କ ଏଇ ଲିପିଚିତ୍ରଗୁଡିକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ଏମିତି କୌଣସି ଦେଶର କୌଣସି ଭାଷାର ପାଣ୍ଡୁଲିପିରେ ଦେଖିବାକୁ ବିରଳ। କୌଣସି ସାହିତ୍ୟିକ ବା ଚିତ୍ରକର ଏଭଳି ଭାବନାଠୁ ଦୂରରେ। ଲକ୍ଷ୍ୟକଲେ ମନେହୁଏ, ରବୀନ୍ଦ୍ରନାଥ ସତେ ଯେମିତି ଏକାଥରେ ଦୁଇଟି କାମ କରୁଛନ୍ତି। ଗୋଟିଏ ପଟେ ସେ କବିତା ଲେଖୁଛନ୍ତି ଅକ୍ଷରରେ ଓ ସେଇ ପାଖାପାଖି ରହି ଚିତ୍ର ଆଙ୍କୁଛନ୍ତି। ତେବେ କବିତାଟି ପରବର୍ତ୍ତୀ ସମୟରେ ମୁଦ୍ରିତ ହୋଇ ପାଠକମାନଙ୍କ ପାଖରେ ପହଞ୍ଚିବ, ଅଥଚ ଚିତ୍ରଟିକୁ କେହି ଦେଖିପାରିବେ ନାହିଁ। ସେଇଟା କେବଳ କବି ନିଜେ ଦେଖିବେ କିମ୍ବା ତାଙ୍କର ଆଖପାଖର ଦି'ଚାରିଜଣ ଲୋକ ଦେଖିବେ। ଗୋଟିଏ ପଟେ ପାଠକମାନଙ୍କ କଥା ଭାବି ଯେମିତି କାବ୍ୟରଚନାର ଶିଳ୍ପକର୍ମ କରୁଛନ୍ତି, ଠିକ୍ ସେଇ ସମୟରେ ସମ୍ପୂର୍ଣ୍ଣ ନିଜକଥା ଭାବି, ଗୋଟିଏ ଏକାନ୍ତ ବ୍ୟକ୍ତିଗତ ଶିଳ୍ପଚେତନାକୁ ସନ୍ତୁଷ୍ଟ କରିବା ପାଇଁ ଛବି ଆଙ୍କୁଛନ୍ତି। ଏକା ସାଙ୍ଗରେ ଏଇ ଶିଳ୍ପଦୁଇଟିର କାର୍ଯ୍ୟ ଗୋଟିଏ ପୃଷ୍ଠାରେ, ଗୋଟିଏ କଲମମୂନରୁ ବାହାରିଛି। ଏଇଟା ହିଁ ଆଶ୍ଚର୍ଯ୍ୟ, ଅଦ୍ୱିତୀୟ ଓ ୟୁନିକ୍।

ରବୀନ୍ଦ୍ରନାଥଙ୍କ ପାଣ୍ଡୁଲିପି ଗୁଡିକୁ ଦେଖିଲେ ମନେହୁଏ, ଏଗୁଡ଼ିକ ରବୀନ୍ଦ୍ରନାଥଙ୍କ କବିତା ଓ ଚିତ୍ରର ମଧ୍ୟବର୍ତ୍ତୀ ଗୋଟିଏ ଛାୟାମୟ ବ୍ୟକ୍ତିତ୍ୱକୁ ପ୍ରକାଶ କରେ। କବିତା ଲେଖିବାର ପ୍ରାରମ୍ଭିକ ପର୍ଯ୍ୟାୟରେ ସେ କବିତାରେ କଟାକଟି କରୁଥିଲେ, ସେଥିରେ ଛବି ଆଙ୍କୁଥିଲେ। କିନ୍ତୁ ନୋବେଲ ପୁରସ୍କାର ପାଇବା ପରେ ତାହା ଆଉ ଦେଖାଗଲା ନାହିଁ। ବୋଧହୁଏ, କବି ଭାବରେ ପ୍ରତିଷ୍ଠିତ ହେବା ପରେ ଏମିତି ଡୁଡୁଲିଙ୍ଗ୍ କରିବାକୁ ସେ ଆଉ ପସନ୍ଦ କରିନଥିଲେ। କାରଣ, ତାଙ୍କର କବିତାକୁ ନେଇ ପାଠକୀୟ ପ୍ରତ୍ୟାଶା ବେଶୀ ରହିଥିଲା। ଯଦିଓ ସେତେବେଳକୁ ସେ ଚିତ୍ର ଆଙ୍କିବାରେ ବି ପାରଦର୍ଶିତା ଲାଭ କରିଥିଲେ। ପ୍ରାରମ୍ଭିକ ସମୟର କଳ୍ପନାର ଧାରା କ୍ରମଶଃ ଚିତ୍ର ମାଧ୍ୟମରେ ସ୍ପଷ୍ଟ ରୂପ ଲାଭ କରିଥିଲା। ଅର୍ଥାତ୍ ଗୋଟିଏ ସର୍ଜନଶୀଳ କଳା ଦୁଇଭାଗ ହୋଇ କବିତା ଓ ଚିତ୍ର- ଦ୍ୱୈତ କଳାରେ ରୂପାନ୍ତରିତ ହୋଇ ପୂର୍ଣ୍ଣତା ଲାଭ କରିଥିଲା।

ସତରେ ରବୀନ୍ଦ୍ରନାଥଙ୍କ କବିତା ଓ ଛବିର ଅପୂର୍ବ ସଙ୍ଗମରେ ସୃଷ୍ଟି ହୋଇଥିବା ଛବିତା ବା 'ଡୁଡୁଲିଙ୍ଗ' ବିଶ୍ୱ କଳାଜଗତରେ ଏକ ମଧୁର ବିସ୍ମୟ, ଯାହା ଆଧୁନିକ ଚିତ୍ରକଳା ଜଗତକୁ କରିଥିଲା ଗଭୀର ଭାବେ ପ୍ରଭାବିତ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# କରିଦେ ମୋତେ ତୋ ବଗିଚାର ମାଳି



## ହରିଶ୍ଚନ୍ଦ୍ର ବେହେରା

କରିଦେ ମୋତେ ତୋ ବଗିଚାର ମାଳି
ଫୁଲଙ୍କୁ ସଜାଉ ଥିବି
ଗୁଣୁ ଗୁଣୁ ମହୁ ମାଛିଙ୍କର ଗୀତ
ନିତି ନିତି ଶୁଣୁ ଥିବି । ୦ ।

ତୁଳସୀ ଦୟଣା ମାଳଠୁ ସୁନ୍ଦର
ଫୁଲ ମାଳ ଗୁନ୍ଥି ଦେବି
କି ସୁନ୍ଦର ଆହା ତୋ ଶୋଭା ଦିଶିବ
ବିଶ୍ୱେ ଅନୁପମ ଛବି
ତୋ ଲୀଳା ମାଧୁରୀ ଦିବସ ଶର୍ବରୀ
ଗୁଣୁ ଗୁଣୁ ଗାଉଥିବି । ୧ ।

ମାଳ ଗୁନ୍ଥିଦେବି ତୁମ ଲାଗି ପ୍ରିୟ
ପ୍ରାଣର ସରାଗ ଦେଇ
ସାରା ବଗିଚାରେ ଯେଉଁଠି ଦେଖିବି
ଦିଶିବ ତୁମରି ଛାଇ
କୋମଳ ଲଳିତ ଫୁଲ ପାଖୁଡ଼ାରେ
ତୁମ ଛବି ଆଙ୍କିଦେବି । ୨ ।

ଫୁଲର ବଗିଚା ସଜାଉ ସଜାଉ
ଫୁଲ ଟିଏ ହୋଇ ଯିବି
ତୁମ ପାଦ ତଳ ଧୂଳି ବୋଲି ହୋଇ
ମହ ମହ ବାସୁ ଥିବି

ସହିବାର ଶକ୍ତି ଦେବ ପ୍ରିୟ ମମ
କଣ୍ଟା ପଥେ ଚାଲୁଥିବି । ୩ ।


କଲ୍ୟାଣ ନଗର,
ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮


# ଆସ ବଞ୍ଚି ଶିଖିବା

## ଦୀନବନ୍ଧୁ ବେଜ

ଆଉ ଚାହାର ତାଜା ପଣ ନାହିଁ
ତାଜା ପଣ ନାହିଁ କଫିରେ,
ଚ଼ିମିନି ପରିକା ଭକ ଭକ ଧୂଆଁ
ନ ବାହାରିଲେ ପାଟିରେ ,
ପାଞ୍ଚ ପଚ଼ିଶି ଲୋକ ଅନାନ୍ତି ନି
ସମ୍ମାନ ମିଳେନି ଖଟିରେ,
ବିଡ଼ିଆ ପାନ କିଏ ସେ ପଚ଼ାରେ
ମନ କଡ଼ା ପାନ ପାଖରେ,
ଡିଲକ୍ସ ସହିତ ସୁରଭି ମିଶେ ନା
ସବୁ ଏବେ ଶିବ ସାଥିରେ ।



ସବୁ ଜିତିଲେଣି ତୁମେ ବିଜେତା
ସଫଳ ଏକଥା କହୁଛି,
ସଫା ସୁତରା ମୁଖ ପାଇଁ ଆଜି
ବିମଳର ଖୋଜା ପଡ଼ିଛି,
ମହ ମହ ବାସ ରଜନି ଗନ୍ଧାର
ଚତୁର୍ଦ୍ଦିଗ ମହକାଉଛି,
ଖାଲି ମିଛ ସଚ଼େତନତା ବାର୍ତ୍ତା
ଚିତ୍ର ତାରକା ତ କହୁଛି ।

ଆସ ମିଶି ରାଜନିବାସ ଯିବା
ସ୍ୱପ୍ନକୁ ସାକାର କରିବା,
କେଶରୀ କଥାର ଭରସା କରି
ନିଜ ସାଥେ ମିତ୍ର କରିବା,
ମିଛ ପ୍ରଲୋଭନ ଭିତରେ ପଡ଼ି
ସୁନ୍ଦର ଘରକୁ ଭାଙ୍ଗିବା,
ଛୋଟ ନିଶାରେ ପିଡ଼ିତ ହୋଇ
ନିଜକୁ ଶେଷ କରିବା ।

ପ୍ରଚାର ପ୍ରସାର ବିଜ୍ଞାପନ ଦ୍ୱାରା
ତାଙ୍କରି ଟ୍ରେଜେରି ଭରୁଛି,
ସେହି ଦରବ ଖାଇ ଖାଇ ବନ୍ଧୁ
ଆମ୍ଭରି ପଇସା ସରୁଛି ,
କର୍କଟ ପରି ମାରାତ୍ମକ ରୋଗର
ଜୀବନ ନାଟିକା ଯାଉଛି ।

ଏଣୁ ହେ ବନ୍ଧୁ ସଚେତନ ହୋଇ
ମାଦକ ଦ୍ରବ୍ୟଠୁ ଦୂର ହୁଅ,
ମଧୁମୟ ଏହି ସୁନ୍ଦର ସଂସାରର
ହସ ଖୁସିରେ ବଂଚ଼ି ରୁହ ।


ସଂପାଦକ, ଜାତୀୟ କବି ଲେଖକ ସଂଗଠନ
ବାଷଠୀ, ବାସୁଦେବପୁର, ଭଦ୍ରକ, ଓଡ଼ିଶା
ଯୋଗାଯୋଗ:- ୭୬୮୩୯୨୦୨୨୧


# ଆଷାଢ଼ ଧାରା

## ରାଜଲକ୍ଷ୍ମୀ ତ୍ରିପାଠୀ

ନିଦାଘ ବଣର ଥୁଣ୍ଟା ଗଛଲତା
ଚାତକ ପରାୟେ ଚାହିଁ
ଆଷାଢ଼ ବର୍ଷାରେ ପଲ୍ଲବି ଉଠିଲେ
ଚଉଦିଗ ଚମକାଇ
କୁଞ୍ଜୁ କୁଞ୍ଜୁକିଆ ନୀଳ ମେଘମାଳା
ଦୂର ଆକାଶରେ ଭାସେ
ସୁଲୁ ସୁଲୁ ବାଆ ମୃଦୁ ପରଶରେ
ସବୁରି ମନକୁ ତୋଷେ ।

ଆଶା ପସରାର ଆଷାଢ଼ ଧାରା ଏ
ଶୁଆଶାରୀ ଆମ୍ବ ଡାଳେ
ଧୂଆଁଳିଆ ମେଘ ପାହାଡ଼ ଉପରେ
ଉଅଁର ରସିଆ ତଳେ
ମାଳତୀ କଦମ୍ବ ଚମ୍ପା କାମିନୀ ଯେ
ଶିହରି ଉଠିଲେ ମନେ
ଫୁଲ ରସିଆର କାଉଁରୀ ମନ୍ତ୍ରରେ
ପଡିବେନି ଆଉ ଦିନେ ।

ସୀମନ୍ତିନୀ କିଏ ଦାଣ୍ଡ ଦୁଆରରେ
ଚାହିଁଛି ସାଥୀକୁ ତା'ର
ଦୂର ସହରରୁ ଫେରିବ ଆଜି ସେ
ଉଚ୍ଛନ୍ନେ ମନ ଅଧୀର
କେଉଁଠି ମିଳନ ଅବା ବିରହରେ
ଆଷାଢ଼ ପୀରତି ପକ୍ଷୀ
ସମ୍ମୋହି ପ୍ରାଣକୁ ହସ ଲୁହ ବାଣ୍ଟେ
ଅନୁରାଗେ ସଖା ସଖୀ ।

ଭକତଜନଙ୍କ ବିମୁଗ୍ଧ ନୟନେ ଆଷାଢ଼
ବାରିର ଟୋପା
ନୀଳ ନୀଳମଣି ରଥରେ ଆସନ୍ତି
ଢାଳିବାକୁ ଦିବ୍ୟକୃପା ।


ଫୋନ୍ -୮୨୪୯୪୦୮୧୭୭
ପୁରୀ


# ଶେଷଯାତ୍ରା

## ପ୍ରଣୀତା ମିଶ୍ର

ସ୍ୱପ୍ନ ତ ଛୁଉଁଥିଲା
ଦୂର ଦିଗବଳୟ
ମନ ଉଡୁଥିଲା ଆକାଶରେ
ଛୁଇଁଯିବ କି ସତେ
ସୂର୍ଯ୍ୟ ଚନ୍ଦ୍ର ତାରା
ନିରେଖିବ ଆକାଶବକ୍ଷରୁ
ଧରିତ୍ରୀର ଶୋଭା ଅପାସୋରା ।

ଓଠଧାରେ ସ୍ମିତ ହସ
ଆଖି କହୁଥିଲା କଥା
ହରଷରେ ହୋଇ ଉଲ୍ଲସିତ
ଭେଟିବାକୁ ପ୍ରିୟଜନ
ଅନେକ ପ୍ରତୀକ୍ଷା ପରେ
ହୋଇବ ଯେ ଚାରି ଚକ୍ଷୁର ମିଳନ ।

ସଜାଉଥିଲା କେ ସ୍ୱପ୍ନ
ଗଢ଼ିବାକୁ ବିଦେଶେ ମହଲ
ଉଡିଯାଇ ଆତ୍ମଜଙ୍କ ସାଥେ
ଆବେଗର ସେ ମୁହୂର୍ତ୍ତ

ମାଟି ମା'ର ଶେଷ ଦୃଶ୍ୟ
ତୋଳି ଦେଉଥିଲା ତା'ର
ଖିଲି ଖିଲି ହସ ।

ଉଚ୍ଚଶିକ୍ଷା ଆଶା ଧରି
ଉଦୀୟମାନ ଯୁବକ
ସାଙ୍ଗସାଥୀ ସହିତରେ
ବାଣ୍ଟୁଥିଲେ ଖୁସିର ମୁହୂର୍ତ୍ତ
ଭୋଜନ କକ୍ଷରେ ଅତି ଆନନ୍ଦରେ ।

ସବୁ କିଛି ଠିକ୍ ଥିଲା
ରଙ୍ଗ ଭରା ଥିଲା ଏ ଦୁନିଆ
ଆଶା ନଦୀ ବହୁଥିଲା
ଦୁଇ କୂଳ ଖାଇ
ଘଟିଗଲା କ୍ଷଣକରେ କିଛି
କରି ଚୁରମାର ସ୍ୱପ୍ନ
କେତେ ବଡ ସତେ ଅଘଟଣ ।



ହୁତୁହୁତୁ ଜଳିଗଲା ସ୍ୱପ୍ନସବୁ
ଲେଲୀହାନ ସେ ଅଗ୍ନି ଶିଖାରେ
ଶରୀର ଜଳନ୍ତା କାଠ
ଅସ୍ତମିତ ଜୀବନ ପ୍ରଦୀପ
କାଳର ସେ କରାଳମୁଖରେ ।

ସ୍ତମ୍ଭୀଭୂତ ସାରା ଦେଶ
ନିସ୍ତବ୍ଧ ସାରା ଜଗତ
ଶୁଖେ ନାହିଁ ଲୁହର ଝରଣା
କାନ୍ଦୁଛି ଭାରତ ମା'
ଖୋଜୁଛନ୍ତି ପ୍ରିୟଜନ
ଶୋକେ ଝୁରି ପ୍ରତିକ୍ଷଣ
ଅଫେରା ରାଇଜୁ ଥରେ
ଆସ ଫେରି ଅମୂଲ୍ୟ ଜୀବନ।


ଭୁବନେଶ୍ୱର


# ପାରିବୁ ଯଦି ଲେଖିଦେ

## ପ୍ରମୋଦ କୁମାର ମହାପାତ୍ର

ତ୍ରସ୍ତ , ବିବ୍ରତ, ମର୍ମାହତ
ଆଖି ଆଗରେ ନାଚୁଥିବା ଘଟଣା ପ୍ରବାହ, ସନ୍ତ୍ରାସ,
ଉରି, ପୁଲୱାମା, ପହଲଗାମ,
ମାନବତାର ନୃଶଂସ ହତ୍ୟା ଘୃଣା,ହିଂସା ଜର୍ଜରିତ
ନିର୍ଲଜ୍ଜ ବର୍ବରତା, ଧର୍ମ ଆଳରେ ହତ୍ୟା !
ଏକବିଂଶ ଶତାବ୍ଦୀରେ ପୁନଃ ଆଦିମ ସଭ୍ୟତା ! !
କଥା, କାର୍ଯ୍ୟରେ କି ବିଷମତା !
ଜନ- ବିରୋଧୀଙ୍କ ବୃଥା ଆସ୍ଫାଳନ
ପଡ଼ୋଶୀର ବାଚାଳତା,
ନ୍ୟାୟର ଅବିଚାର, ଚରମ ଉଦାସୀନତା ! !

ହେ ମୋର ସଖା, ପ୍ରିୟ ଗୁଣୀ, ଜ୍ଞାନୀ, ସହଚର,
ସଜ୍ଜନ ତେଜି ଆତ୍ମାଭିମାନ ଉଠ, ହୁଅ ଜାଗ୍ରତ
ହାତରେ ତୋ' ପାଶୁପାତ କାନ୍ଧରେ ଗାଣ୍ଡିବ
ଲକ୍ଷ୍ୟ ତୋର ପରିଦୃଷ୍ଟ ପଥ ନିର୍ଦ୍ଦିଷ୍ଟ , ଶପଥ ସୁସ୍ପଷ୍ଟ
ସୂର୍ଯ୍ୟଙ୍କ ତେଜ, ମରୁତର ପ୍ରବାହ
ସାଗରର ଗଭୀରତା, ଆକାଶର ଉଚ୍ଚତା,
ଧରିତ୍ରୀର ସହିଷ୍ଣୁତା, ସବୁ ତ ତୋ' ପାଇଁ -କାହିଁ ବିସର୍ଜ୍ଜତା !

ଏବେ ତୋ'ରି ହାତରେ ଡୋରି ତୋ' ମୁଠାରେ ଭବିଷ୍ୟତ,
ପାରିବୁ ଯଦି ଲେଖି ଦେ ଅଲିଭା ଅକ୍ଷରରେ, -
'ସ୍ୱଧର୍ମରେ ନାଶ ବରଂ-
ଧର୍ମ ହିତ ପାଇଁ ଅସ୍ତ୍ର ଧାରଣ ଜରୁରୀ,
ସୀମାପାର ଆତଙ୍କୀର ମରଣ ଜରୁରୀ।
ସଦା ଉତ୍ସର୍ଗୀକୃତ ଏ ଜାତିର ପ୍ରାଣ
ଶାନ୍ତି, ମୈତ୍ରୀ, ପ୍ରେମ, ଭାତୃତ୍ୱ କାରଣ
ନା ତୋର, ନା ମୋର
ଏ ଭୂମି ଆମର, ବିକଳ୍ପ ସ୍ୱର୍ଗର,
ଏକ ପରିବାର- ଭେଦ ଦୁଷ୍କର
ହେଉ ମାନବତାର ଜୟ ଜୟକାର' ।




କଳାପାଣି, ବରଗଡ଼,
ମେଲ୍-
କ୍ରୁଳଙ୍କକ୍ଷବ୬୩ଅଛବଷକ୍ଟକ୍ଟ.ମକ୍ଟ.ସଭ
ମୋ -୯୪୩୭୫୭୮୩୧୧


# ରାସ୍ତା କଡର ଗଛ

## ସ୍ନିଗ୍ଧା ପଣ୍ଡା

ସବୁଦିନ ଯିବା ଆସିବା ବାଟରେ ଦେଖା ହେଉଥିଲା
ମୁଁ ହସିଦେଲେ ସେ ବି ହସିଦିଏ
ଦୁଃଖସୁଖ ଆଖିରେ ଆଖିରେ ବାଣ୍ଟିହେଇଯାଏ
ଗଲା କାଲି ସଞ୍ଜଦୀପ ଆଲୁଅରେ
ଝାପ୍‌ସା ଦିଶିଥିବା ମୁହଁ କଥା
ପଖାଳ କଂସାର ବହଳ ତୋରାଣି ପିଇ ସାରିଲାପରେ
ଚଦର ପାରି ଶୁଏଇ ଦେଇଥିବା ରାତିର ଏକାନ୍ତ ପଣ କଥା
ନାହିଁ ନାହିଁ ଭିତରେ
ଟାଣି ଓଟାରି ଚଲଉଥିବା ଜିଇଁବା କ୍ଷଣ କଥା
ସବୁ କିଛି ଦିଆନିଆ ଚାଲିଥିଲା
ନିଜର ଜଣେ ଅଛି ବୋଲି ଲାଗୁଥିଲା ।

କାଲି ଦେଖିଥିଲି ଅନେକ ଲୋକ
ଫିତା ଧରି ମାପୁଥିଲେ ମୋର ଯିବା ଆସିବାର ରାସ୍ତା
କ୍ୟାମେରା ଭିତରକୁ ଅନେଇ
ଖାତାରେ ଗାରଉଥିଲେ କିଛି
ସେ କିନ୍ତୁ ଦୁଃଖୀ ଦୁଃଖୀ ଲାଗୁଥିଲା
ମୋ ଆଖିର ପ୍ରଶ୍ନ ଆଡେ ଚାହିଁ
ଆଖି ତା'ର କ'ଣ କହିବ କହିବ ହୋଇ ଅଟକି ଗଲା ।

ଫେରିବାବେଳେ ଦେଖିଲି
ସେ ମତେ ପିଠିକରି ଠିଆ ହେଇଥିଲା
ତା'ର ଅଭିମାନ ଥିଲା

ଆଉ ମୁଁ ନ ବୁଝିବା ଭଳି
ଚାଲି ଆସିଲି ଘରକୁ
ମୋର ଅହଂକାରମାନଙ୍କର ଲମ୍ବା ଚିଠା ଧରି ।
ଆଜି ତା' ଦେହରେ ଲାଗିଥିଲା ଯନ୍ତ୍ରଟିଏ
ଖଣ୍ଡ ଖଣ୍ଡ ଖସିପଡୁଥିଲା ମାଂସ
ବହିଯାଉଥିଲା ରକ୍ତ
ଉଡିଯାଉଥିଲା ପବନ
ହଜିଯାଉଥିଲା ନିଜର ହେଇଥିବା ଜଣେ
ଅଥଚ ମୁଁ ଅଟକିନାହିଁ
କାହାକୁ ଅଟକେଇ ନାହିଁ

ତା' ଆଖିରେ ଆଖି ରଖିନାହିଁ
ପଚାରିନାହିଁ କିଛି
ମଣିଷର ମିଛ ଖୋଳପା ଭିତରେ
ନିଜକୁ ବୁଝେଇ ଦେଇଛି
ରାସ୍ତା କଡର ଗଛମାନଙ୍କର
ଏମିତି ହିଁ ଭବିଷ୍ୟତ ଅଛି ।




ମୋ-୯୮୬୧୩୨୩୬୫୦


# ମର୍ମାହତ ମେଘାଳୟ

## ଡ. ଦୀପକ କୁମାର ମିଶ୍ର

ମେଘାଳୟ ହେଉ କି ମନାଳୟ
ପ୍ରବଞ୍ଚନାର ପ୍ରେମତନ୍ତ୍ରରେ
ଖୁବ୍ ଉତ୍କଣ୍ଠାର ସହିତ
କେଉଁଠି ନା କେଉଁଠି
ନିରୋଳା ନିଶ୍ଚିନ୍ତରେ ବଳା ଚାଲିଥାଏ
ଷଡ଼ଯନ୍ତ୍ରର ସ୍ୱତନ୍ତ୍ର ଫାନ୍ଦଟିଏ
ବିଷାକ୍ତ ବିଶ୍ୱାସର ଗୋଲାପୀ କଣ୍ଟାରେ ।

କିଏ ଜାଣିଥିଲା
ହସ ତଳେ କୁଣ୍ଡଳୀ ମାରି ବସିଥିଲା
ସୌନ୍ଦର୍ଯ୍ୟ ଓ ସର୍ବନାଶର ଗୋରା ସାପଟିଏ
ହୃଦୟରେ ଯା'ର ବାଜୁଥିଲା
ଡରାଣିଆ ଡମ୍ବରୁର ଡିବିଡ଼ିବି ଶବ୍ଦ ସହ
ମୁଚୁକୁନ୍ଦ ଫନ୍ଦି ଫିକରର
ଫର୍ଚ୍ଚା ମୃତ୍ୟୁଗୀତଟିଏ ।

କିଏ କହେ ଯେ
ପର୍ବତର ଉତ୍ତୁଙ୍ଗ ଶିଖରରେ
ଖାଲି ପ୍ରେମାସକ୍ତ ହୁଏ ମେଘ
ଛୁଇଁହୁଏ ଆକାଶର ବର୍ଷା
ଇନ୍ଦ୍ରଧନୁକୁ ଟାଣି ଆଣି
ମାଖିହୁଏ ସର୍ବାଙ୍ଗ ଦେହରେ
ବରଂ ସେଠାରେ ବି ସର୍ବନିମ୍ନ ମୂଲ୍ୟବୋଧରେ
ରଚା ଚାଲିଥାଏ
ସ୍ୱାର୍ଥ ଓ ଶଠତାର କୀଳକଲିପିରେ
ପ୍ରସ୍ତରୀଭୂତ ପ୍ରତାରଣାର
ଗୁପ୍ତ ପାଣ୍ଡୁଲିପିଟିଏ ।



ମଧୁଝରା ତୋଫା ଜହ୍ନ ତଳେ
ନିର୍ମମ ନିଶ୍ୱାସର
ମର୍ମନ୍ତୁଦ ମରଣ ଯାଚନା
ପ୍ରୀତି ଇତିହାସରେ
ଯୋଡ଼ିଦେଲା ଆଜି
ଅନାବଶ୍ୟକ କଳା ଫର୍ଦ୍ଦଟିଏ ।




ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦


# ବର୍ଷା ପଦପାତେ

## ସୁଦର୍ଶନ ମହାପାତ୍ର

ବର୍ଷା ଛୁଆଁ ଧରା ପରେ ଉଲ୍ଲସିତ ପ୍ରତିଟି ପରାଣ
ବସୁନ୍ଧରା ପାଶୋରିଛି ହା ହୁତାଶ ନିଦାଘ କଷଣ,
ଆକାଶରେ ଦୃଶ୍ୟ ଏବେ ବାଦଲଙ୍କ ମୋତେ ଛୁଁ ଖେଳ
ବଦଳି ଯାଇଛି ସତେ ଏଇମାତ୍ର ମାଟିର କପାଳ ।।



ଚଉଦିଗେ ଭରା ଏବେ ସବୁଜ ଶ୍ରୀ ଅପରୂପ କାନ୍ତି
ଆହା କି ଆନନ୍ଦମୟ ଜିଜୀବିଷା ଜୀବନ ଜ୍ୟାମିତି,
ଯାଯାବର ବାଟୋଇ ମୁଁ ମିଳିଗଲା ଜୀଇଁବାର ସୂତ୍ର
ଛାତି ତଳେ ଗୁଞ୍ଜରିତ ପ୍ରୀତିସ୍ୱଦ ସଞ୍ଜୀବନୀ ମନ୍ତ୍ର ।।

ଖୁସିର ଶିଖର ଛୁଏଁ ଯେଣୁ ଲବ୍ଧଶ୍ରେଷ୍ଠ ଅଭିଳାଷ
ତୃଷାତୁର ଚାତକ ମୁଁ ମେଣ୍ଟିଗଲା ସାରା ଅବସୋସ,
ପରିତୃପ୍ତ ଓଠ ଧାରେ ପ୍ରସ୍ଫୁଟିତ ପ୍ରୀତି ପାରିଜାତ
ପ୍ରେମ ପ୍ରଣୟର ଋତୁ ବର୍ଷା ଗାଏ ମିଳନ ସଂଗୀତ ।।

ବର୍ଷା ପଦପାତେ ଆଜି ପ୍ରକୃତି ଯେ ଶ୍ୟାମଳ ସୁନ୍ଦର
ଦୀର୍ଘ ପ୍ରତିକ୍ଷାନ୍ତେ ଲାଗେ ବିରହିତ ପ୍ରାଣ ମୋ ବିଭୋର ।।


କୁଞ୍ଜବିହାରୀ ଲେନ, କଟକ

# ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ରେ ପ୍ରଭାବ ପକାଇବ ଗ୍ଲୋବାଲ୍ ୱାର୍ମିଂ



**ନୂଆଦିଲ୍ଲୀ**

ଗତ କିଛି ବର୍ଷ ଧରି ସାରା ବିଶ୍ୱରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନର ଗମ୍ଭୀର ଓ ଖରାପ ପରିମାଣ ମଧ୍ୟ ଦେଖିବାକୁ ମିଳୁଛି। ତେବେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ସିରିଜରେ ଏହାର ପ୍ରଭାବ ଦେଖିବାକୁ ମିଳିପାରେ। ତେବେ କ୍ରିକେଟ ସହ ଏହାର କ'ଣ ସମ୍ପର୍କ ଅଛି ? ଏ ପ୍ରଶ୍ନ ଉଠିବା ସ୍ୱାଭାବିକ । ଏକ୍ସପର୍ଟଙ୍କ ମତରେ ତାପମାତ୍ରା ବୃଦ୍ଧି ସିରିଜ୍‌କୁ ପ୍ରଭାବିତ କରିପାରେ ଏବଂ ଟିମ୍ ଇଣ୍ଡିଆ ଏଥିରୁ ଲାଭ ପାଇପାରିବ ।

କ୍ରିକେଟ ଜଗତରେ ଇଂଲଣ୍ଡର ସ୍ୱତନ୍ତ୍ର, କାରଣ ଏଠାରୁ ହିଁ କ୍ରିକେଟ୍ ଆରମ୍ଭ ହୋଇଥିଲା ଓ ଲର୍ଡ୍ସ ଗ୍ରାଉଣ୍ଡ ବି ଏଇଠି ଅଛି। ଏଇଠି ଟେଷ୍ଟ କ୍ରିକେଟକୁ ବି ସମ୍ମାନ ଦିଆଯାଏ। ଖାସ୍‌କରି ଇଂଲଣ୍ଡର ଗ୍ରୀଷ୍ମ ଋତୁରେ ଟେଷ୍ଟ ଖେଳିବା ନିଆରା ଅନୁଭୂତି ଦିଏ। ଗ୍ରୀଷ୍ମରେ ବି ବର୍ଷା ହୁଏ, ଯାହା ଟେଷ୍ଟ କ୍ରିକେଟ୍ ପାଇଁ ପାଗ ଅନୁକୂଳ କରିଥାଏ। ତେବେ ଦ୍ରୁତ ବୋଲରଙ୍କୁ ଏଥିରୁ ଭଲ ଲାଭ ମିଳିବ। ଇଂଲଣ୍ଡର ପ୍ରସିଦ୍ଧ କ୍ରିକେଟ୍ ପତ୍ରିକା ୱିସ୍‌ଡେନର ଏକ ରିପୋର୍ଟ ଅନୁସାରେ ଇଂଲଣ୍ଡରେ ଚଳିତ ଗ୍ରୀଷ୍ମ ଋତୁ ଗତ କିଛି ବର୍ଷ ଅପେକ୍ଷା ଅଧିକ ଗରମ ଏବଂ ଶୁଷ୍କ। ଅର୍ଥାତ୍, ବିଗତ ବର୍ଷଗୁଡ଼ିକ ତୁଳନାରେ ଏହି ଗ୍ରୀଷ୍ମ ଋତୁରେ ଇଂଲଣ୍ଡରେ ଅଧିକ ବର୍ଷା ହୋଇନାହିଁ। ଗତ ୧୪୨ ବର୍ଷ ମଧ୍ୟରେ ମେ'ରେ ତାପମାତ୍ରା ସବୁଠୁ ଅଧିକ ଥିଲା। ଏହାର ପ୍ରଭାବ ସିଧାସଳଖ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ରେ ଦେଖାଯିବ।

ସାଧାରଣତଃ ଇଂଲଣ୍ଡରେ କ୍ରିକେଟ୍ ଋତୁ ଅର୍ଥାତ୍ ଗ୍ରୀଷ୍ମ ଋତୁରେ ବି ବର୍ଷା ହୋଇଥାଏ କିମ୍ବା ଆକାଶ ମେଘୁଆ ରହିଥାଏ। ଏହି କାରଣରୁ ଫାଷ୍ଟ ବୋଲରଙ୍କୁ ଫାଇଦା ମିଳେ। ବଲ୍ ଭଲ ସ୍ୱିଙ୍ଗ୍ କରେ ଓ ବ୍ୟାଟରଙ୍କୁ ଅସୁବିଧା କରାଏ। କିନ୍ତୁ ଏଥର ବର୍ଷା ନ ହେବା ଏବଂ ପ୍ରବଳ ଗରମ ଯୋଗୁଁ ପିଚ୍ ଶୁଷ୍କ ରହିବାର ସମ୍ଭାବନା ରହିଛି। ଇଂଲଣ୍ଡ ତା'ର ଦ୍ରୁତ ବୋଲରଙ୍କଠାରୁ ଅଧିକ ଲାଭ ନେଇପାରିବ ନାହିଁ।

ଚଳିତ ବର୍ଷର କାଉଣ୍ଟି ଚାମ୍ପିଅନସିପର ପରିସଂଖ୍ୟାନ ମଧ୍ୟ ଏହାକୁ ପ୍ରମାଣିତ କରୁଛି । ୱିସଡେନ୍ ରିପୋର୍ଟ ଅନୁସାରେ, ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜର ୫ଟି ସ୍ଥାନରେ ଚଳିତ ବର୍ଷ ଖେଳାଯାଇଥିବା କାଉଣ୍ଟି ଚାମ୍ପିଅନସିପର ସମସ୍ତ ମ୍ୟାଚ୍‌ରେ ସ୍ପିନର ପ୍ରଭାବୀ ରହିଥିଲେ। ଡାଟା ଅନୁସାରେ ଏହି ପାଞ୍ଚଟି ସ୍ଥାନରେ ସ୍ପିନର ପ୍ରଥମ ଇନିଂସରେ ହାରାହାରି ୱିକେଟ୍ ୪୪.୨ ୱିକେଟ୍ ନେଇଥିବା ବେଳେ ଦ୍ୱିତୀୟ ଇନିଂସରେ ଏହା ୩୪.୫ ରହିଥିଲା। ତୃତୀୟ ଇନିଂସରେ ଏହା ଆହୁରି ଭଲ ଏବଂ ୩୨.୬ରେ ଥିଲା, ଚତୁର୍ଥ ଇନିଂସରେ ଏହା ୩୦.୮ ଥିଲା। ଅର୍ଥାତ୍ ଏଥର ଇଂଲଣ୍ଡର ଭାରତ ପ୍ରତି ଅନୁକୂଳ ହୋଇପାରେ।

## ପ୍ରଥମ ଟେଷ୍ଟ ପୂର୍ବରୁ ଟିମ୍ ଇଣ୍ଡିଆକୁ ଝଟ୍‌କା

# ଅଭ୍ୟାସ ମ୍ୟାଚ୍‌ରେ ଆହତ ହେଲେ କରୁଣ ନାୟର

**ନୂଆଦିଲ୍ଲୀ**

ଭାରତ ଓ ଇଂଲଣ୍ଡ ମଧ୍ୟରେ ବହୁ ପ୍ରତୀକ୍ଷିତ ଟେଷ୍ଟ ସିରିଜ୍ ଶୁକ୍ରବାରଠୁ ଆରମ୍ଭ ହେବ। ତେବେ ଏହା ପୂର୍ବରୁ ଭାରତୀୟ ଦଳ ପାଇଁ ଆସିଛି ନିରାଶଜନକ ଖବର। ଦୀର୍ଘ ୮ ବର୍ଷ ପରେ ଟିମ୍ ଇଣ୍ଡିଆକୁ ପ୍ରତ୍ୟାବର୍ତ୍ତନ କରିଥିବା କରୁଣ ନାୟର ଅଭ୍ୟାସ ସମୟରେ ଆହତ ହୋଇଛନ୍ତି। ପ୍ରସିଦ୍ଧ କୃଷ୍ଣାଙ୍କ ଏକ ବଲ୍ ତାଙ୍କ ପେଟରେ ବାଜିଛି। କିଛି ସମୟ ସେ ବ୍ୟାଟିଂ କରିବା ଜାରି ରଖିଥିଲେ ହେଁ ନିଜକୁ ଫିଟ୍ ଅନୁଭବ କରି ନ ଥିଲେ। ଏହା ପରେ ସେ ଅଭ୍ୟାସ ବନ୍ଦ କରି ଦେଇଥିଲେ ଏବଂ ଫିଜିଓଙ୍କ ସହ କଥା ହୋଇଥିଲେ। ତେବେ କରୁଣ ନାୟରଙ୍କ ଏହି ଆହତ କେତେ ଗମ୍ଭୀର ତାହା ଜଣା ପଡ଼ିନାହିଁ।



ଇଂଲଣ୍ଡ ଗସ୍ତରେ ଏହି ବ୍ୟାଟର ଦମ୍‌ଦାର ଫର୍ମରେ ଅଛନ୍ତି। ସେ ଅଭ୍ୟାସ ମ୍ୟାଚ୍‌ରେ ୨୫୯ ରନ କରି ସଭିଙ୍କୁ ପ୍ରଭାବିତ କରିଛନ୍ତି। କରୁଣ ନାୟର ଭାରତ ପାଇଁ ଶେଷ ଟେଷ୍ଟ ମ୍ୟାଚ୍ ୨୦୧୭ରେ ଖେଳିଥିଲେ। ୮ ବର୍ଷ ପରେ ସେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଚୂଡ଼ାନ୍ତ ଏକାଦଶରେ ସେ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ହେଲେ ମ୍ୟାଚ୍ ପୂର୍ବରୁ ଏହି ଆଘାତ ସମସ୍ୟା ତାଙ୍କ ସହ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି।

ଯଦି କରୁଣ ନାୟର ଫିଟ୍ ଘୋଷିତ ନ ହୁଅନ୍ତି ତେବେ ଚୂଡ଼ାନ୍ତ ଏକାଦଶରେ ତାଙ୍କ ସ୍ଥାନ ଅନ୍ୟ କୌଣସି ଖେଳାଳି ନେଇ ପାରନ୍ତି। ଏମିତି ସ୍ଥିତିରେ ଅଭିମନ୍ୟୁ ଈଶ୍ୱରନଙ୍କ ନାଁ ସର୍ବାଗ୍ରେ ରହିଛି। ଈଶ୍ୱରନ ଦୀର୍ଘ ସମୟ ଧରି ଭାରତୀୟ ଏ ଦଳ ଓ ଘରୋଇ କ୍ରିକେଟରେ ପ୍ରଭାବଶାଳୀ ପ୍ରଦର୍ଶନ କରି ଆସିଛନ୍ତି। ତେବେ ମ୍ୟାଚ୍ ଦିନ ଟସ୍ ପୂର୍ବରୁ ଏହି ନିଷ୍ପତ୍ତି ନେବାକୁ ପଡ଼ିବ ଯେ, କାହାକୁ ଦଳରେ ସ୍ଥାନ ମିଳିବ। ଅନ୍ୟପଟେ ଇଂଲଣ୍ଡ ପ୍ରଥମ ଟେଷ୍ଟ ମୁକାବିଲା ପାଇଁ ଦଳ ଘୋଷଣା କରି ସାରିଛି।

# ବିରାଟଙ୍କ କୋଚ୍‌ଙ୍କଠାରୁ ଟ୍ରେନିଂ ନେଉଛନ୍ତି ତାଙ୍କ ଭଣଜା

**ନୂଆଦିଲ୍ଲୀ**

ବିରାଟ କୋହଲି ପ୍ରାୟତଃ ସୋସିଆଲ ମିଡିଆରେ ଶିରୋନାମାରେ ରହିଥାଆନ୍ତି। ପୁଣିଥରେ ଏହି ଭାରତୀୟ ବ୍ୟାଟ୍‌ସମ୍ୟାନ ଚର୍ଚ୍ଚାର କେନ୍ଦ୍ର ପାଲଟିଛନ୍ତି। କିନ୍ତୁ ଏଥର ତାଙ୍କ ଖେଳ ପାଇଁ ନୁହେଁ ବରଂ ଅନ୍ୟ ଏକ କାରଣ ପାଇଁ ସେ ଚର୍ଚ୍ଚାରେ ଅଛନ୍ତି।

ଆଧୁନିକ କ୍ରିକେଟର ଶ୍ରେଷ୍ଠ ବ୍ୟାଟ୍‌ସମ୍ୟାନଙ୍କ ଭଣଜା ଆୟୁଷ ଧିଙ୍ଗରା ତାଙ୍କ ମାମୁଙ୍କ ପଦାଙ୍କ ଅନୁସରଣ କରିଛନ୍ତି। ସେ ବଡ଼ ହୋଇ ଜଣେ କ୍ରିକେଟର ହେବାର ସ୍ୱପ୍ନ ଦେଖୁଛନ୍ତି ଏବଂ କୋହଲିଙ୍କ ପିଲାଦିନର ପ୍ରଶିକ୍ଷକ ରାଜକୁମାର ଶର୍ମା ଏହି ସ୍ୱପ୍ନ ପୂରଣ କରିବାରେ ଲାଗି ପଡ଼ିଛନ୍ତି।

ଟିମ୍ ଇଣ୍ଡିଆର ଷ୍ଟାର କ୍ରିକେଟର ବିରାଟ କୋହଲିଙ୍କ ପରେ ତାଙ୍କ ଭଣଜା ବିଶ୍ୱ କ୍ରିକେଟରେ ନିଜର ଛାପ ଛାଡ଼ିବେ ବୋଲି କୁହାଯାଉଛି। ଏଥିପାଇଁ ସେ ତାଙ୍କର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବିରାଟ କୋହଲିଙ୍କ ଭଉଣୀ ଭାବନା କୋହଲି ଧିଙ୍ଗରାଙ୍କ ପୁଅ ଆୟୁଷ ଧିଙ୍ଗରା କ୍ରିକେଟ ତାଲିମ ନେଉଛନ୍ତି। ଯାହାଙ୍କ ମାର୍ଗଦର୍ଶନରେ ସେ ତାଲିମ ନେଉଛନ୍ତି ସେ ଆଉ କେହି ନୁହନ୍ତି ବରଂ ବିରାଟଙ୍କ ପିଲାଦିନର ପ୍ରଶିକ୍ଷକ ରାଜକୁମାର ଶର୍ମା। ସେ କୋହଲିଙ୍କୁ କ୍ରିକେଟର କୌଶଳ ଶିଖାଇଥିଲେ। ଏବେ ସେ ବିରାଟ କୋହଲିଙ୍କ ଭଣଜା ଆୟୁଷ ଧିଙ୍ଗରାଙ୍କ ପାଇଁ ଏହି କାମ କରୁଛନ୍ତି। ସମ୍ପ୍ରତି, ସୋସିଆଲ ମିଡିଆରେ ଏକ ଭାଇରାଲ ଫଟୋ ମାଧ୍ୟମରେ ଏହା ପ୍ରକାଶ ପାଇଛି।



ନିକଟରେ ବିରାଟ କୋହଲିଙ୍କ ବଡ଼ ଭଉଣୀ ଭାବନା କୋହଲି ତାଙ୍କ ଅଫିସିଆଲ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଷ୍ଟୋରୀ ପୋଷ୍ଟ କରିଛନ୍ତି, ଯାହା ମାଧ୍ୟମରେ ସେ ବିରାଟ କୋହଲିଙ୍କ ପିଲାଦିନର ପ୍ରଶିକ୍ଷକ ରାଜକୁମାର ଶର୍ମାଙ୍କୁ ତାଙ୍କ ଜନ୍ମଦିନରେ ଅଭିନନ୍ଦନ ଜଣାଇଛନ୍ତି। ଏହି ଷ୍ଟୋରୀରେ ଦୁଇଟି ଫଟୋ ଅଛି। ଗୋଟିଏ ଫଟୋରେ ରାଜକୁମାର ଶର୍ମା କୋହଲିଙ୍କୁ ପଶ୍ଚିମ ଦିଲ୍ଲୀ କ୍ରିକେଟ ଏକାଡେମୀ ଟ୍ରଫି ଦେଉଛନ୍ତି।

ଦ୍ୱିତୀୟ ଫଟୋରେ ସେ ତାଙ୍କ ଭଉଣୀଙ୍କ ପୁଅ ଆୟୁଷଙ୍କୁ ଟ୍ରଫି ଦେଉଥିବାର ଦେଖାଯାଉଛି। ଏଥିରେ, ବିରାଟଙ୍କ ଭଣଜା ଏକ କ୍ରିକେଟ ଜର୍ସି ପିନ୍ଧିଛନ୍ତି ସୂଚନାଯୋଗ୍ୟ, ରାଜକୁମାର ଶର୍ମା ପଶ୍ଚିମ ଦିଲ୍ଲୀ କ୍ରିକେଟ ଏକାଡେମୀର ପ୍ରତିଷ୍ଠାତା ସେ ପିଲାମାନଙ୍କୁ କ୍ରିକେଟ ତାଲିମ ଦିଅନ୍ତି।

# ଇଂଲଣ୍ଡ ବିପକ୍ଷ ଟେଷ୍ଟମ୍ୟାଚ୍ ୪ନଂ ସ୍ଥାନରେ ଖେଳିବେ ଗିଲ୍

**ହେଡଲି**



ଶୁକ୍ରବାରଠାରୁ ହେଡଲିରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଭାରତ ପ୍ରଥମ ଟେଷ୍ଟମାଚ୍ ଖେଳିବ। ଇଂଲଣ୍ଡ ତା'ର ଚୂଡ଼ାନ୍ତ ଏକାଦଶ ଘୋଷଣା କରି ସାରିଥିବା ବେଳେ ଭାରତ ଏହାକୁ ନେଇ ମାନସ ମନ୍ଥନ ଚଳାଇଛି। ଭାରତୀୟ ଉପଅଧିନାୟକ ଋଷଭ ପନ୍ତ କହିଛନ୍ତି ଯେ ଅଧିନାୟକ ଶୁଭମନ ଗିଲ୍ ୪ନଂ ସ୍ଥାନରେ ବ୍ୟାଟିଂ କରିବେ; ଯେଉଁ ସ୍ଥାନରେ ଗତ ଏକ ଦଶନ୍ଧି ଧରି ବିରାଟ କୋହଲି ଖେଳୁଥିଲେ। ତେବେ ୩ନଂ ସ୍ଥାନରେ କିଏ ଖେଳିବେ; ତାହା ସ୍ପଷ୍ଟ ହୋଇନାହିଁ। ଏହି ସ୍ଥାନ ପାଇଁ ୨ ଜଣ ଦାବିଦାର ଅଛନ୍ତି। କରୁଣ ନାୟ ଓ ସାଇ ସୁଦର୍ଶନଙ୍କ ମଧ୍ୟରୁ ଜଣେ ଖେଳିବେ। ତେବେ ଅଭିଜ୍ଞତା ଓ ଟେକ୍‌ନିକ୍ ଦୃଷ୍ଟିରୁ ନାୟାର ୩ ସ୍ଥାନରେ ଖେଳିବାର ସମ୍ଭାବନା ଅଧିକ।

ଯଶସ୍ୱୀ ଜୟସୱାଲ ଓ ଲୋକେଶ ରାହୁଲ ଇନିଂସ ଓପନ୍ କରିବା ନିଶ୍ଚିତ। ରାହୁଲଙ୍କର ଇଂଲଣ୍ଡରେ ଖେଳିବାର ବେଶ ଅଭିଜ୍ଞତା ରହିଛି। ୫ନଂ ସ୍ଥାନରେ ୱିକେଟ ରକ୍ଷକ ଋଷଭ ପନ୍ତଙ୍କ ଖେଳିବା ନେଇ କୌଣସି ସନ୍ଦେହ ନାହିଁ । ୬ନଂ ସ୍ଥାନ ପାଇଁ ମାନସ ମନ୍ଥନ ଚାଲିଛି। ଏହି ସ୍ଥାନରେ ଦୁଇ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ଓ ନୀତୀଶ କୁମାର ରେଡ୍ଡୀଙ୍କ ମଧ୍ୟରୁ ଜଣେ ଖେଳିପାରନ୍ତି। ଯଦି ଭାରତ ବ୍ୟାଟିଂକୁ ମଜଭୁତ କରିବାକୁ ଚାହିଁବ; ତେବେ ଏହି ସ୍ଥାନରେ ସାଇ ସୁଦର୍ଶନ ଖେଳିପାରନ୍ତି। ଫଳରେ ୭ନଂ ସ୍ଥାନ ଅଲ୍‌ରାଉଣ୍ଡରଙ୍କୁ ଯାଇପାରେ। ୮ନଂ ସ୍ଥାନ ପାଇଁ ୩ ଜଣ ଦାବିଦାର ଅଛନ୍ତି। ସ୍ପିନ୍ ବୋଲିଂ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦର, ପେସ୍ ବୋଲି ବାଙ୍ଗି ଅଲ୍‌ରାଉଣ୍ଡର ସାର୍ଦ୍ଦୁଳ ଠାକୁର ଓ ଚାଇନାମ୍ୟାନ୍ ସ୍ପିନର କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣେ ଖେଳିବେ। ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜ୍ ପେସ୍ ବୋଲର ଭାବେ ପ୍ରଥମ ପସନ୍ଦ। ୩ୟ ପେସ୍ ବୋଲର ସ୍ଥାନ ପ୍ରସିଦ୍ଧ କୃଷ୍ଣଙ୍କୁ ମିଳିପାରେ।

# ସନ୍ତୁଳିତ ପୁଷ୍ଟିସାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ

**କେନ୍ଦୁଝର, ନ୍ୟୁଜ୍**

ଆଦିବାସୀ ଅଞ୍ଚଳରେ ଶୈଶବ ଅପପୁଷ୍ଟିର ସମାଧାନ ପାଇଁ ପୋଷକତତ୍ତ୍ୱରେ ଭରପୁର ଫସଲ ବୃଦ୍ଧି ଶୀର୍ଷକ ଏକ ଜାତୀୟ ନୀତି ଆଲୋଚନା କେନ୍ଦୁଝର ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ବୈଜ୍ଞାନିକ, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ସରକାରୀ ଅଧିକାରୀ, ଛାତ୍ର ଏବଂ ଚାଷୀ ଏକତ୍ରିତ ହୋଇଥିଲେ। ସ୍ଥାୟୀ ପୁଷ୍ଟିକର ଖାଦ୍ୟ ଉତ୍ସ ଭାବରେ ଜୈବ ସୁରକ୍ଷିତ ପୋଷକତତ୍ତ୍ୱରେ ଭରପୁର ଫସଲକୁ ପ୍ରୋତ୍ସାହିତ କରିବା ପାଇଁ ମାର୍ଗଦର୍ଶିକା ବିକଶିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୁପୋଷଣ ଓ ରକ୍ତହୀନତା ଦ୍ୱାରା ପ୍ରଭାବିତ କେନ୍ଦୁଝର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ଆଲୋଚନାକୁ ଭୁବନେଶ୍ୱରର ନାବାର୍ଡ ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ତାଲୁକଦାର ଉଦ୍‌ଘାଟନ କରି ନିଜ ଅଭିଭାଷଣରେ ସନ୍ତୁଳିତ ପୁଷ୍ଟିସାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସୁସ୍ଥ ଜୀବନଯାପନ ପାଇଁ ଲୋକମାନଙ୍କୁ ସେମାନଙ୍କ ଖାଦ୍ୟରେ ମିଠା ଆଳୁ ଭଳି ପୋଷକ ତତ୍ତ୍ୱରେ ଭରପୁର ଖାଦ୍ୟ ସାମିଲ କରିବାକୁ ଅନୁରୋଧ କରିଥିଲେ। ଥିରୁବନନ୍ତପୁରମର ଭାରତୀୟ କୃଷି ଅନୁସନ୍ଧାନ ପରିଷଦ-କେନ୍ଦ୍ରୀୟ କନ୍ଦ ଫସଲ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଜି. ବାଇଜୁ ନିଜ ଅଭିଭାଷଣରେ ଓଡ଼ିଶାର ଆଦିବାସୀ ଅଞ୍ଚଳ, କେରଳ, ପଶ୍ଚିମବଙ୍ଗ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଜୈବ ସୁଦୃଢ଼ କନ୍ଦ ଫସଲକୁ ପ୍ରୋତ୍ସାହିତ କରିବା ଉପରେ ଆଲୋକପାତ କରିଥିଲେ। ପ୍ରତିଷ୍ଠାନ ଏପର୍ଯ୍ୟନ୍ତ ସାତଟି ଜୈବ ସୁଦୃଢ଼ କନ୍ଦ ପ୍ରକାର ପ୍ରକାଶ କରିଛି, ଯେଉଁଥିରେ ଭିଟାମିନ୍ ଏ, ଲୌହ ସାର, ଜିଙ୍କ, କ୍ୟାଲସିୟମ ଏବଂ ଆନ୍ଥୋସାୟାନିନ୍ ଭଳି ପ୍ରମୁଖ ସୂକ୍ଷ୍ମ ପୋଷକ ତତ୍ତ୍ୱରେ ପରିପୁଷ୍ଟ କନ୍ଦମୂଳ ଅନ୍ତର୍ଭୁକ୍ତ। ଏହି ଅଧିବେଶନ ଗୁଡ଼ିକରେ ବିନୁ ଚେରିଆନ୍, ହାର୍ଭେଷ୍ଟପ୍ଲସ୍ ଇଣ୍ଡିଆ, ଡକ୍ଟର ସୌରଭ ଭଟ୍ଟାଚାର୍ଯ୍ୟ, ପୁଷ୍ଟିସାର ବିଶେଷଜ୍ଞ, ୟୁନିସେଫ୍ ଓଡ଼ିଶା, ଡକ୍ଟର ରସ୍ମି ଆଭୁଲା, ଗବେଷଣା ଫେଲୋ, ଡକ୍ଟର ଶ୍ରୀନିବାସଲୁ ରାଜେନ୍ଦ୍ରନ୍, କୃଷି ଅର୍ଥନୀତିଜ୍ଞ, ଉଗାଣ୍ଡା, ଡକ୍ଟର କୃଷ୍ଣେନ୍ଦୁ ଚଟ୍ଟୋପାଧ୍ୟାୟ, ପ୍ରମୁଖ ବୈଜ୍ଞାନିକ, ଡକ୍ଟର ଗୋପାଳ ଚୌଧୁରୀ, ସହଯୋଗୀ ପ୍ରଫେସର, କିଟ୍ ବିଶ୍ୱବିଦ୍ୟାଳୟ, ଡକ୍ଟର ଜୋସେଫ୍ ଜନ୍, ପ୍ରଫେସର, ଏମ୍ସ ଭୁବନେଶ୍ୱର, ଡକ୍ଟର ଇ. ଭେଙ୍କଟ ରାଓ, ପ୍ରଫେସର, ସମ ହସ୍ପିଟାଲ, ଭୁବନେଶ୍ୱର, ଡକ୍ଟର ଚନ୍ଦନ ଗୋସ୍ୱାମୀ, ପ୍ରଫେସର, ନାଇଜର, ସୋମେନ୍ଦ୍ର ପାଣିଗ୍ରାହୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, କେନ୍ଦୁଝର ପ୍ରମୁଖ ଯୋଗ ଦେଇ ନିଜ ବହୁମୂଲ୍ୟ ମତ ଦେଇଥିଲେ। କ୍ଷୁଧା ଓ ପୋଷକତତ୍ତ୍ୱର ଚାହିଦା ମେଣ୍ଟାଇବାକୁ ସକ୍ଷମ ଥିବା ସତ୍ତ୍ୱେ ଜୈବସୁରକ୍ଷିତ ଫସଲ କିସମର ପ୍ରଚାର ଏବଂ ଗ୍ରହଣୀୟତା ସୀମିତ ରହିଛି। ମୁଖ୍ୟଧାରାର କୃଷି ଏବଂ ଜନସ୍ୱାସ୍ଥ୍ୟ ରଣନୀତିରେ ପୋଷକତତ୍ତ୍ୱରେ ଭରପୁର ଫସଲକୁ ଏକୀକୃତ କରିବା ପାଇଁ ସ୍କେଲେବଲ୍ ମଡେଲ୍ ଏବଂ ବହୁ-କ୍ଷେତ୍ରୀୟ ସହଯୋଗର ଆବଶ୍ୟକତା ଉପରେ ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଥିଲା।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**ମଙ୍ଗଳପୁର, ନ୍ୟୁଜ୍ ବ୍ୟୁରୋ**

ଦଶରପୁର ବ୍ଲକ କସପା ପଞ୍ଚାୟତ ସ୍ଥିତ ଅହିୟାସ ହାଇସ୍କୁଲରେ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ଡ. କୁଳମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁରାତନ ଛାତ୍ର ସଂସଦ ସମ୍ପାଦକ ରାଜେନ୍ଦ୍ର ନାରାୟଣ ତ୍ରିପାଠୀ, ବର୍ତ୍ତମାନ ପ୍ରଧାନ ଶିକ୍ଷକ ଦୁର୍ଗାଶଙ୍କର ଦାସ, ସୂର୍ଯ୍ୟମଣି ତ୍ରିପାଠୀ, ଡ. କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ ଧରଣୀଧର ମହାପାତ୍ର, ପ୍ରଫେସର ମଦନ ମୋହନ ପାଣି ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ସହ ତାଙ୍କର ସ୍ମୃତି ବିଷୟରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ହୀରକ ଜୟନ୍ତୀ କମିଟିର ସମ୍ପାଦକ ଦିଗାମ୍ବର ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ସଭାପତି ପ୍ରଫେସର ପାଣି ଅତିଥି ପରିଚୟ ଦେଇଥିଲେ । ସ୍ୱର୍ଗତ ପ୍ରଫେସର ଦିଗମ୍ବର ମିଶ ଏବଂ ଅପରେସନ ସିନ୍ଦୂରରେ ସହିଦ ବୀର ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଭାଣିଜୀ ସସ୍ମିତା ଶତପଥୀ ବିଦ୍ୟାଳୟର ଚଳିତ ମାଟ୍ରିକ ମେଧାବୀ ଛାତ୍ରୀ କବିତା ଗଡ଼ସାରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏଥି ସହିତ ବିଦ୍ୟାଳୟରେ କିପରି ଭାବେ ଡାଇମଣ୍ଡ ଜୁବଲି କରାଯିବ ଏଥିପାଇଁ ଆଲୋଚନା ହୋଇଥିଲା । ପଣ୍ଡିତ ଲକ୍ଷ୍ମୀଧର ମିଶ୍ର ବେଦପାଠ କରିଥିଲେ । ଏନ୍‌ସିସି ଛାତ୍ରଛାତ୍ରୀ, ପୁରାତନ ଛାତ୍ର ସୁବାସ ଚନ୍ଦ୍ର ମହାନ୍ତି, ଗିରିଶ ପ୍ରସାଦ ମହାନ୍ତି, ଶିବ ପ୍ରସାଦ ପଣ୍ଡା, ହେମନ୍ତ କୁମାର ସାହୁ, ପ୍ରକାଶ ସାମଲ, ଚନ୍ଦ୍ରଶେଖର ପାତ୍ର ଓ ବର୍ତ୍ତମାନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶେଖ ଗୁଫରାନ ଖାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ନିଟ୍ ପ୍ରବେଶିକା ପରୀକ୍ଷାରେ ସରସ୍ୱତୀ ବିଦ୍ୟାମନ୍ଦିରର ସଫଳତା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ଦ୍ୱାରା ସଂଚାଳନା କରାଯାଇଥିବା 'ନିଟ୍-୨୦୨୫' ଯୁଗ୍ମ ପ୍ରେବଶିକା ପରୀକ୍ଷାଫଳ ତା. ୧୪-୦୬-୨୦୨୫ ରିଖ ଶନିବାର ଦିନ ପ୍ରକାଶ ପାଇଛି। ଚଳିତ ବର୍ଷ ନିଟ୍ ପ୍ରେବଶିକା ପରୀକ୍ଷା ପାଇଁ ସବର୍ଭାରତୀୟ ସ୍ତରରେ ୨୨ ଲକ୍ଷ ୯ ହଜାର ୩୧୮ ଜଣ ଯଥା ଓଡ଼ିଶାରୁ ୫୯,୨୩୮ ଜଣ ପରୀକ୍ଷାର୍ଥୀ ନିଟ୍ ପରୀକ୍ଷା ଦେଇଥିବା ବେଳ ତନ୍ମଧ୍ୟରୁ ଓଡ଼ିଶାରୁ ୩୧,୬୭୩ ଜଣ ପରୀକ୍ଷାର୍ଥୀ ସଫଳତା ହୋଇଛନ୍ତି। ପ୍ରକାଶଯୋଗ୍ୟ, ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସରସ୍ୱତୀ ବିଦ୍ୟା ମନ୍ଦିର ନୀଳକଣ୍ଠନଗରରେ ଶ୍ରଣୀକକ୍ଷେର ମେଡ଼ିକାଲ୍ ପାଠ୍ୟକ୍ରମ ପାଇଁ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀ ଏହି ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ଅଭୁତପୂର୍ବ ସଫଳତାର ସହ କୃତକାର୍ଯ୍ୟ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଆନୁପାତିକ ଭିତ୍ତିରେ ପୁନର୍ବାର ଓଡ଼ିଶାରେ ଏହା ସଫଳତାର ସର୍ବୋତ୍ତମ ସ୍ଥାନ ଅଧିକାର କରିଛି। ସଦ୍ୟ ମିଳିଥିବା ପ୍ରାରମ୍ଭିକ ତଥ୍ୟ ଅନୁଯାୟୀ ଏହି ଅନୁଷ୍ଠାନରୁ ୫୧୫ରୁ ଉର୍ଦ୍ଧ୍ୱ ନମ୍ବର ରଖି ୧୧୦ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି।

# ଗୋପାଳପୁର ପୋର୍ଟକୁ ପରିବହନ ସୁବିଧା ଦାବିକଲା ଟ୍ରକ୍ ମାଲିକ ସଂଘ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଗୋପାଳପୁର ପୋର୍ଟରେ ପରିବହନ ସୁବିଧା ସ୍ଥାନୀୟ ଲୋକଙ୍କ ଟ୍ରକ୍‌କୁ ମିଳୁନି । ଏନେଇ ବାରମ୍ବାର ତଥା କିଛି ବର୍ଷ ହେଲା ଗୋପାଳପୁର ପୋର୍ଟ, ଗଞ୍ଜାମ ଜିଲ୍ଲାପାଳ ଓ ଛତ୍ରପୁର ଉପଜିଲ୍ଲାପାଳଙ୍କୁ ଭେଟି ଜଣାଇଥିଲେ ମଧ୍ୟ ସ୍ଥାନୀୟ ଟ୍ରକ୍ ଗୁଡିକୁ ମାଲ ପରିବହନ ପାଇଁ ଗୋପାଳପୁର ପୋର୍ଟରେ ସୁଯୋଗ ଦିଆଯାଉନି । ଏହାର ପ୍ରତିବାଦ କରିବା ସହ ୩ଟି ଟ୍ରକ୍ ମାଲିକ ସଂଘ ଏକାଠି ହୋଇଛନ୍ତି। ବାହାର ରାଜ୍ୟ ତଥା ଜିଲ୍ଲାର ଟ୍ରକ୍ ଗୁଡିକୁ ଗୋପାଳପୁର ପୋର୍ଟରେ ମାଲ ପରିବହନ ପାଇଁ ସୁବିଧା ଦିଆଯାଉଥିବାବେଳେ ସ୍ଥାନୀୟ ତଥା ଗଞ୍ଜାମ ଜିଲ୍ଲାର ଟ୍ରକ୍ ଗୁଡିକୁ ମାଲ ପରବହନ ପାଇଁ ଅନୁମତି ଦିଆଯାଉନି । ଏନେଇ ଗଞ୍ଜାମ ଟ୍ରକ ମାଲିକ ସଂଘ, ଗୋପାଳପୁର ପୋର୍ଟ ଟ୍ରକ୍ ମାଲିକ ସଂଘ ଓ ମା' ଦକ୍ଷିଣକାଳୀ ପରିବହନ ମାଲିକ ସଂଘ ପକ୍ଷରୁ ମଙ୍ଗଳବାର ଛତ୍ରପୁର ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି । ବାହାର ଜିଲ୍ଲା ଓ ରାଜ୍ୟର ଟ୍ରକ୍‌କୁ ଗୋପାଳପୁର ପୋର୍ଟରେ ମାଲ୍ ପରିବହନ ବନ୍ଦ କରିବାକୁ ଉକ୍ତ ୩ ସଂଘ ପକ୍ଷରୁ ଦାବି ହୋଇଛି । ନଚେତ୍ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି । ଗୋପାଳପୁର ପୋର୍ଟ କର୍ତ୍ତୃପକ୍ଷ, ଜିଲ୍ଲାପ୍ରଶାସନ ଏନେଇ ନଶୁଣିବାରୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କୁ ଭେଟି ଉକ୍ତ ୩ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ପକ୍ଷରୁ ଏଥିରେ ହସ୍ତକ୍ଷେପ କରି ସମସ୍ୟା ସମାଧାନ ପାଇଁ ନିବେଦନ କରାଯାଇଛି । ବାହାର ରାଜ୍ୟ ଓ ଜିଲ୍ଲାର ୪ଟି ମାଲିକଙ୍କ ୩୦୦ ଟ୍ରକ୍ ଅଛି ଏବଂ ସେମାନେ ହିଁ କେବଳ ଗୋପାଳପୁର ପୋର୍ଟକୁ ମାଲ୍ ପରିବହନ କରୁଛନ୍ତି । ସେମାନଙ୍କର କୌଣସି ସଂଘ ନାହିଁ ବୋଲି କୁହାଯାଇଛି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଗୋପାଳପୁର ପୋର୍ଟ ଟ୍ରକ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଜି.ଭାସ୍କର ରେଡି, ଗଞ୍ଜାମ ଟ୍ରକ୍ ମାଲିକ ସଂଘର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ଜେନା, ଉପସଭାପତି କାଳି ଚରଣ ସ୍ୱାଇଁ, ମା' ଦକ୍ଷିଣକାଳୀ ପରିବହନ ମାଲିକ ସଂଘର କୋଷାଧ୍ୟକ୍ଷ ଅଂଗଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।



# ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାଇରିଆ ନିୟନ୍ତ୍ରଣ ଓ ଚିକିତ୍ସା କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯାଜପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଡାଇରିଆ ରୋଗୀଙ୍କୁ ଭେଟି ଚିକିତ୍ସା ବ୍ୟବସ୍ଥା ସଂପର୍କରେ ପଚାରି ବୁଝିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହିତ ଡାଇରିଆ ନିୟନ୍ତ୍ରଣ ସମ୍ପର୍କରେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜୁନ ୧୦ ତାରିଖରୁ ହଠାତ୍ ଆରମ୍ଭ ହୋଇଥିବା ଡାଇରିଆ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ଓ ଜଳଉତ୍ସ ବିଶୁଦ୍ଧିକରଣ ଏବଂ ସୂଚନା ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ଜନ ସାଧାରଣଙ୍କୁ ସଚେତନ କରାଯାଉଥିବା ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଜିଲ୍ଲାର ସମସ୍ତ ଚିକିତ୍ସାଳୟରେ ଅତିରିକ୍ତ ଚିକିତ୍ସକ, ଏସ.ସି.ବିରୁ ଆସିଥିବା ମେଡିକାଲ ଟିମ୍, ଅଧିକ ଆସିଷ୍ଟାଣ୍ଟ ପ୍ରଫେସର, ଟ୍ୟୁଟର୍‌ମାନଙ୍କୁ ପଠା ଯାଇଛି। ସମସ୍ତଙ୍କୁ ପ୍ରୋଟୋକଲ ଅନୁଯାୟୀ ଚିକିତ୍ସା କରିବାକୁ ସୂଚିତ କରାଯାଇଛି। ପ୍ରତ୍ୟେକ ରୋଗୀଙ୍କ ପରିଚାରକଙ୍କୁ ୩୦୦ ମି.ଗ୍ରା.ର ଡୋକ୍ସିସାଇକ୍ଲିନ୍ ପ୍ରତିଷେଧକ ପ୍ରଦାନ କରାଯାଇଛି। ଜିଲ୍ଲାରେ ବହୁଳ ମାତ୍ରାରେ ସରକାରୀ, ବେସରକାରୀ ଟ୍ୟୁବ୍‌ୱେଲ୍, କୂଅ, ଓଭର ହେଡ୍ ଟାଙ୍କି ଖୋଲା ଜଳଉତ୍ସଗୁଡ଼ିକୁ ବିଶୁଦ୍ଧିକରଣ କରାଯାଇଛି। ଯେଉଁଠି ବେଶୀ ସଂକ୍ରମଣ ଦେଖାଦେଉଛି ସେଠାରେ ପ୍ରତିଦିନ ଏବଂ ଦିନେ ଛାଡ଼ି ଦିନେ କ୍ଲୋରିନେସନ ଏଚ୨ଏସ କିଟ୍ ମାଧ୍ୟମରେ ଜଳ ପରୀକ୍ଷା କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ଆଶା, ଅଙ୍ଗନୱାଡି କର୍ମୀ, ଏସ.ଏଚ.ଜି, ସ୍ୱାସ୍ଥ୍ୟ କର୍ମୀ ଘରକୁ ଘର ବୁଲି ଓ ଆର ଏସ ହୋଲୋଜେନ ବଟିକା, ସାବୁନ୍ ବଣ୍ଟନ କରାଯାଉଛି। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ ସମସ୍ତ ଜାଗାରେ ଠିକ୍ ଭାବେ ଜଳ ବିଶୁଦ୍ଧିକରଣ ହେଉଛି କି ନାହିଁ ତାହାକୁ ବରିଷ୍ଠ ଅଧିକାରୀମାନେ ତଦାରଖ କରିବେ। ଦ୍ୱିତୀୟ ବର୍ଗର ଅଧିକାରୀମାନେ ଗାଁକୁ ଯାଇ ଉପଯୁକ୍ତ କ୍ଲୋରିନେସନ୍ ହେଉଛି କି ନାହିଁ ତଦାରଖ କରିବେ। କମ୍ୟୁନିଟି ସରକାରୀ କର୍ମଚାରୀମାନେ ଡାଇରିଆ ଚେନ୍‌କୁ ଭାଙ୍ଗିବାର ବହୁତ୍ ବଡ଼ ଭୂମିକା ରହିଛି। ଆଶା, ଅଙ୍ଗନୱାଡି କର୍ମୀ, ଏ.ଏନ୍.ଏମ ଓ ଜନ ପ୍ରତିନିଧି ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବରମାନଙ୍କୁ ବିଶ୍ୱାସକୁ ନେଇ ସମ୍ବେଦନଶୀଳ ଅଞ୍ଚଳରେ ସଚେତନତା ବାର୍ତ୍ତା ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଲୋକଙ୍କ ପାଖେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପ୍ରଶାସନର ସାମାଜିକ ଗଣମାଧ୍ୟମରେ ସଚେତନତା ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାକୁ କହିଥିଲେ। ଯେଉଁ ଲୋକ ମେଡିକାଲରୁ ଚିକିତ୍ସିତ ହୋଇ ଫେରୁଛନ୍ତି ତାଙ୍କ ସହିତ ନିୟମିତ ଯୋଗାଯୋଗରେ ରହି ସ୍ୱାସ୍ଥ୍ୟବସ୍ଥା ବୁଝିବାକୁ ପରାମର୍ଶ ଦେଇଥିଲେ। ଡାଇରିଆ ନିୟନ୍ତ୍ରଣ ହେଲେ ମଧ୍ୟ ୧ ମାସ ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା ତଥା ଡିସ୍‌ଇନ୍‌ଫେକ୍ସନ୍ ଚାଲୁରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସିଏଚସି, ଓ.ପି.ଏଚ.ସିରେ ଆବଶ୍ୟକୀୟ ଚିକିତ୍ସା ସୁବିଧା ଓ ଔଷଧ ମହଜୁଦ୍ ରଖିବାକୁ, ଯେଉଁ ରୋଗୀମାନେ ଚିକିତ୍ସାଳୟକୁ ଆସିବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି ସେମାନଙ୍କୁ ରାପିଡ୍ ରେସପନ୍ସ ଟିମ୍ ପଠାଇ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଓ ଅଙ୍ଗନୱାଡିରେ ଥିବା ଜଳ ଉତ୍ସ ଗୁଡ଼ିକୁ ଉପଯୁକ୍ତ ବିଶୁଦ୍ଧିକରଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ଜିଲ୍ଲାରେ ରୋଗୀ ସଂଖ୍ୟା କ୍ରମେ କ୍ରମେ କମୁଥିବା ଶୁଭ ଲକ୍ଷଣ। ପାଉଚ ପାଣି ଓ ବଟଲ୍‌ରେ ନର୍ମାଲ ପାଣି ତିଆରି କରୁଥିବା ଫ୍ୟାକ୍ଟ୍ରିର ମାନ ପରୀକ୍ଷଣ କରାଯାଇ ଅଶୁଦ୍ଧ ଥିଲେ ଏହା ବନ୍ଦ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତି ପରିବାରକୁ ୨ଟି ସାବୁନ୍ ଟଏଲେଟ୍ ପାଇଁ ଏବଂ ଖାଇବା ପୂର୍ବରୁ ବ୍ୟବହାର କରିବାକୁ ବଣ୍ଟନ କରାଯାଉଥିବା ଏକ ଅଭିନବ ପ୍ରୟାସ ବୋଲି ମତବ୍ୟକ୍ତ କରି ମନ୍ତ୍ରୀ ଖୁସି ପ୍ରକାଶ କରିଥିଲେ। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ବିଜୟ ମିଶ୍ର, ମହାରାଜା ଯଯାତି କେଶରୀ ମେଡିକାଲ କଲେଜ୍‌ର ଡିନ୍ ତଥା ଅଧ୍ୟକ୍ଷ ଡଃ ସୀତାରାମ ମହାପାତ୍ର, ଉପ ଜିଲ୍ଲାପାଳ ତାପସ ରଂଜନ ଦେହୁରୀ, ସମସ୍ତ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଗୁରୁବାର ଜିଲ୍ଲାରେ ୧୩୬ଜଣ ନୂତନ ରୋଗୀ ଆଡମିଟ ହୋଇଥିବାବେଳେ ୧୫ ଜଣଙ୍କୁ ରେଫର କରାଯାଇଛି। ୧୧୦ ଜଣଙ୍କୁ ସୁସ୍ଥ ପରେ ଡିସ୍‌ଚାର୍ଜ କରାଯାଇଛି ଓ ୧୫୪ରୋଗୀ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସା ହେଉଛନ୍ତି।



E-mail ID:cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
INVITATIONS FOR BIDS (IFB)
B-220

File No-B-IV-H-(H&D)-53/2024 Lr. No.- 23590 Bhubaneswar, the 16th June, 2025

Invitation for Bids
Bid Identification No. C.E. (B) – 13/ 2025-26

| | | | |
|---|---|---|---|
| 1. | The Chief Engineer (Buildings-I), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the works, "Construction of New CHC Building at Bijepur in the District of Bargarh" as detailed below. | | |
| 2. | Nature of work | : | Building work. |
| 3. | No. of work | : | 01 No. |
| 4. | Bid Cost. | : | ₹10,000/- (each) |
| 5. | Class of Contractor | : | 'A' / Special Class |
| 6. | Availability of Bid Documents in the website | : | From dt.25.06.2025 to 17.00 Hours of dt.09.07.2025. |
| 7. | Date of Opening of Bid | : | Dt.10.07.2025 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR-34117/11/0109/2526
Sd/- Chief Engineer (Building), Odisha, Bhubaneswar

GOVERNMENT OF ODISHA
OFFICE OF THE SUPERINTENDING ENGINEER
R.W. (P.H) DIVISION, BHUBANESWAR
BEHIND ESPLANADE MALL PO: RASULGARH. BHUBANESWAR, 751010
TEL-(0674)2301801, E-MAIL: EERWPHDIVN_BBSR@REDIFFMAIL.COM
e-Procurement Notice for SI,SD AND WS to Building works
e Procurement Notice No. 15/ 2025-26
O-295

The Superintending Engineer, RW (PH) Division, Bhubaneswar on behalf of Governor of Odisha invites percentage rate bids in single cover system through e-procurement for different work as per Annexure. The bid should be submitted on-line in the website www.tenderorissa.gov.in by eligible class of contractors of Government of Odisha or of equivalent class of other State Government / Railways /CPWD / MES. The bidders should have the necessary Portal Enrolment (With his own Digital Signature certificate)

| | |
|---|---|
| Name of the work | SI,SD AND WS to Building Works. ( As per Annexure-1) |
| Estimated cost | Rs 6.13 lakhs to 7.35 Lakhs (approximately) |
| No. of Works | 35 Nos. (Thirty Five ) |
| Tender Paper Cost | Rs. 4000.00 (Non-refundable) |
| Class of Contractors | 'D' and C |
| Date and Time of Availability of Bid document in portal | Dt. 24.06.2025 from 11.00 A.M. |
| Date of seeking clarification | During office hours from dt. 24.06.2025 to 02.07.2025. |
| Last date and time of receipt of Bids through online | Dt. 03.07.2025 upto 05.00 P.M. |
| Opening of Bid document | Dt. 04.07.2025 at 11.00 A.M. |
| Digital signature certificate | The bidder must possess a compatible digital signature certificate |

Further details can be seen in the bidding documents which is available in the e-procurement s portal, subsequent corrigendum if required shall be appeared in the web site. Authority reserves the right to reject any or all tenders without assigning any reason thereof.

Sd/- (Er. Debashis Soren), Executive Engineer
R.W (P.H) Division, Bhubaneswar
OIPR-25183/11/0021/2526

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS ELECTRICAL DIVISION
BHUBANESWAR
E-Mail- eerwel_bbsr @yahoo.co.in
O-308
e-Procurement Notice NO –EERWELBBSR- 04/2025-26

| | | |
|---|---|---|
| 1 | Name of the work | (i)Shifting of 11KV HT line, LT line and Transformer for the work Construction of Basantakundal village to Kalapada PWD Road via Bharigol Taikana village road under MMSY TRIP in the District of Cuttack. (ii)Shifting/relocation of existing line on RD road to Sithalo via Katikata under BSY for the FY 2023-24 due to construction of H.L. Bridge over 'Godadhua Nali'' |
| 2 | Estimated Cost | From 9.46 lakhs to 16.28 lakhs (Excluding GST) |
| 3 | Period of completion | 180 days |
| 4 | Date and time of availability of Bid documents in the portal | From Dt.23.06.2025 at 12.00 A.M.to Dt 02.07.2025 up to 5.00 P.M |
| 5 | Date & Time of opening of tender | Dt.03.07.2025 at 01:00 P.M. |
| 6 | Procurement officer/ Name and address of the officer inviting Bids. | Executive Engineer, R.W EL.DIVN.BBSR At- 1st floor of Divn. Complex, Rasulgarh Behind Esplanade Mall. Dist. – Khordha Odisha. Pincode-751010 |

Further details can be seen from the Govt. Web site www.tenderorissa.gov.in
OIPR-25168/11/0010/2526
Executive Engineer,
Rural work Electrical Division, Bhubaneswar

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜନତା ମଇଦାନରେ...

ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ସହ ପ୍ରଭାରୀ ଲତା ଉଷେଣ୍ଡି ପ୍ରସ୍ତୁତି କାର୍ଯ୍ୟ ବୁଲି ଦେଖିଥିଲେ ।

ମୁଖ୍ୟ ଶାସନସଚିବ ମନୋଜ ଆହୁଜା ଏବଂ ଅତିରିକ୍ତ ମୁଖ୍ୟଶାସନ ସଚିବ (ଶିକ୍ଷ ବିଭାଗ) ହେମନ୍ତ ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତି କାର୍ଯ୍ୟର ସବିଶେଷ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ୍ ମହା ନିର୍ଦ୍ଦେଶକ ୱାଇ ବି ଖୁରାନିଆ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଦିଲ୍ଲୀରେ ପହଞ୍ଚିଲେ...

ଏହି ଛାତ୍ରମାନଙ୍କ ମଧ୍ୟରୁ ଅଧିକାଂଶ ଜମ୍ମୁ-କଶ୍ମୀରର ବୋଲି ସୂଚନା ମିଳିଛି।

ଇରାନରୁ ନିଜ ଦେଶରେ ପହଞ୍ଚିଥିବା ଛାତ୍ର ୟାସିର ଗଫ୍ଫାର କହିଛନ୍ତି ଯେ ସେ ନିଜ ଦେଶକୁ ଆସି ବହୁତ ଖୁସି ଅନୁଭବ କରୁଛନ୍ତି। ଇରାନର ସ୍ଥିତି ଆଦୌ ଠିକ୍ ନାହିଁ । ଛାତ୍ରୀ ଗଜଲ ଏହା ପାଇଁ ଭାରତୀୟ ଦୂତାବାସକୁ ଧନ୍ୟବାଦ ଜଣାଇଛନ୍ତି। ମରିୟମ୍ ରୋଜ୍ କହିଛନ୍ତି ଯେ ଭାରତୀୟ ଦୂତାବାସ ବହୁତ ସାହାଯ୍ୟ କରିଛି ଓ କୌଣସି ପ୍ରକାରର ଅସୁବିଧା ହେବାକୁ ଦେଇନାହିଁ। ସେମାନେ ତିନି ଦିନର ଯାତ୍ରା ପରେ ନିଜ ଦେଶରେ ପହଞ୍ଚିଛନ୍ତି।

ଜମ୍ମୁ-କଶ୍ମୀର ଛାତ୍ର ସଂଘ ଉଦ୍ଧାର ଅଭିଯାନ ଆରମ୍ଭ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କୁ ଧନ୍ୟବାଦ ଜଣାଇଛି। ଛାତ୍ର ସଂଘ କହିଛି ଯେ ଆଶା କରାଯାଉଛି ଯେ ଅନ୍ୟ ଛାତ୍ରମାନଙ୍କୁ ମଧ୍ୟ ଶୀଘ୍ର ଏଠାରୁ ଉଦ୍ଧାର କରାଯିବ।

## ଜୁଲାଇ ୨ୟ...

ସମ୍ପାଦକ କେସି ବେଣୁ ଗୋପାଳ ମଧ୍ୟ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ରାହୁଲ ଗାନ୍ଧୀଙ୍କ ଗସ୍ତ ପରିପ୍ରେକ୍ଷୀରେ ଭୁବନେଶ୍ୱରଠାରେ ବିଶାଳ ଜନସମାବେଶ ଆୟୋଜନ କରାଯିବ। ରାଜ୍ୟରେ ହଜାର ହଜାର କର୍ମୀ ଓ ଦଳର ନେତୃବର୍ଗ ଏହି ସମାବେଶରେ ଯୋଗଦେବାପାଇଁ ସ୍ଥିର ହୋଇଛି। ରାଜ୍ୟର ବିଭିନ୍ନ ଅଘଟଣକୁ ଏଆଇସିସି ଗୁରୁତ୍ୱର ସହ ନେଇଛି । ଏହାକୁ ଅନୁଧ୍ୟାନ ନିମନ୍ତେ ଏକ ୫ଜଣିଆ କମିଟି ଗଠନ କରିଛି ।

## ପୁଲିସ ନିକଟରେ...

ମିଲିସିଆ ସଦସ୍ୟ କାଡ଼ତି ଦେବା, ମିଲିସିଆ ସଦସ୍ୟ ମାଡକମ କୋସା, ଆରପିସି ସଦସ୍ୟ ମାଡବୀ ପାଣ୍ଡୁ ଏବଂ ଆରପିସି ସଦସ୍ୟ ସୋଡି ଉରା। ସମସ୍ତ ଆତ୍ମସମର୍ପଣ କରିଥିବା ନକ୍ସଲଙ୍କୁ ସରକାରଙ୍କ ତରଫରୁ ୨୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

ଏମାନଙ୍କର ର୍ୟାଙ୍କ ଅନୁଯାୟୀ ସେମାନେ ପାଇବାକୁ ଥିବା ଟଙ୍କା ମଧ୍ୟ ପ୍ରଦାନ କରାଯାଇଥିଲା। ମୋଟ ୨୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ତେଲେଙ୍ଗାନା ପୁଲିସ ତରଫରୁ ସମସ୍ତ ନକ୍ସଲଙ୍କୁ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ଅକାଳରେ ଜୀବନ ନହାରିବାକୁ କୁହାଯାଇଛି। ହିଂସା ଛାଡ଼ି ଶାନ୍ତି ମାର୍ଗରେ ଚାଲିଲେ ଆଗକୁ ସେମାନଙ୍କର ଏବଂ ଦେଶର ବିକାଶ ହେବ ବୋଲି କୁହାଯାଇଛି।

## ୨୪ ଯାଏଁ ...

ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାସହ ଉତ୍ତର-ପଶ୍ଚିମ ଦିଗରେ ଝାଡଖଣ୍ଡ ଆଡକୁ ଗତି କରିବାର ସମ୍ଭାବନା ଥିବାରୁ ଏହାର ପ୍ରଭାବରେ ୨୪ ଯାଏଁ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ସୂଚନା ଦିଆଯାଇଛି।

## ଆଜି ଦ୍ୱିତୀୟାର୍ଦ୍ଧରେ...

ଅଫିସ୍ ବନ୍ଦ ରହିବ। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ଏହା ସହିତ ରାଜସ୍ୱ ଓ ମାଜିଷ୍ଟ୍ରେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ) ମଧ୍ୟ ଛୁଟି ରହିବ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ବେଳେ ଅତ୍ୟଧିକ ଭିଡ଼ ଓ ଟ୍ରାଫିକ୍ ସମସ୍ୟା ହେବାର ଆଶଙ୍କା ଥିବାରୁ ବନ୍ଦ ପାଇଁ ନିଷ୍ପତ୍ତି ହୋଇଛି।

## ଡାଇରିଆ ସ୍ଥିତି ...

ଆଦି ଛଅଟି ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଆଭାସି ମାଧ୍ୟମରେ ଡାଇରିଆ ସ୍ଥିତି ଓ ମୁକାବିଲାର ବିଭିନ୍ନ ଦିଗ ଉପରେ ମନ୍ତ୍ରୀ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକ ପରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ଗଣମାଧ୍ୟମକୁ କହିଛନ୍ତି ରାଜ୍ୟରେ ଡାଇରିଆସ୍ଥିତି ନିୟନ୍ତ୍ରଣାଧୀନ ରହିଛି ଏବଂ ତ୍ୱରିତ୍ୱ କାର୍ଯ୍ୟାନୁଷ୍ଠାନ ଯୋଗୁ ରୋଗୀ ସଂଖ୍ୟା ହ୍ରାସ ପାଉଛି। ମନ୍ତ୍ରୀ କହିଛନ୍ତି ସଂକ୍ରମଣ ସଂଖ୍ୟା ହ୍ରାସ ପାଉଥିବା ସତ୍ତ୍ୱେ ସମସ୍ତେ ସମ୍ପୂର୍ଣ୍ଣ ରୂପେ ସତର୍କ ରହି କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ମୌସୁମୀକୁ ଦୃଷ୍ଟିରେ ରଖି ତିନିମାସ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ସରକାର ସମନ୍ୱୟ ସହ ସାମଗ୍ରିକ ଭାବରେ ପ୍ରସ୍ତୁତ ରହିଥିବା ମନ୍ତ୍ରୀ ପ୍ରକାଶ କରିଛନ୍ତି।

ଏହି ବୈଠକରେ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ରାଜ୍ୟର ଛଅଟି ଜିଲ୍ଲାର ଡାଇରିଆ ମୁକାବିଲାର ସ୍ଥିତି ଓ ପ୍ରସ୍ତୁତି ବିଷୟରେ ସମୀକ୍ଷା କରିଥିଲେ । ପାନୀୟ ଜଳ ଉତ୍ସ ଗୁଡ଼ିକର ବିଶୋଧନ, ତୃଣମୂଳ ସ୍ତରରୁ ମେଡ଼ିକାଲ କଲେଜ ପର୍ଯ୍ୟନ୍ତ ଡାକ୍ତରଖାନା ଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷାଦ୍ୱାରା ଚିକିତ୍ସାସେବା ଯୋଗାଇବା, ପରିମଳ ବ୍ୟବସ୍ଥା, ଖାଦ୍ୟ ନିରାପତ୍ତା, ସଂକ୍ରମିତ ଜଳଉତ୍ସ ଚିହ୍ନଟ ଓ ବିଭାଗୀୟ ସମନ୍ୱୟ ବିଷୟରେ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ । ଏହା ସହ ଡାଇରିଆ ଜନିତ ଜନସଚେତନତା ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ ସୂଚନା-ଶିକ୍ଷା – ସଂଚାର ମାଧ୍ୟମରେ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି ପିଇବା, ହାଲୋଜେନ ବଟିକା ପକାଇ ଅଧଘଣ୍ଟା ପରେ ପିଇବା ପାଣି ବ୍ୟବହାର, ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନରେ ଭଲଭାବେ ହାତ ଧୋଇବା, ଝାଡାବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆରଏସ୍ ଦ୍ରବଣ ପିଇବା ଓ ବିଳମ୍ବ ନକରି ଡାକ୍ତରଖାନା ଯିବା ଆଦି ବିଷୟରେ ଲୋକଙ୍କୁ ତୃଣମୂଳ ସ୍ତରରୁ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍ ଯୋଗଦେଇ ବିଭାଗୀୟ ପ୍ରସ୍ତୁତିର ସମସ୍ତ ଦିଗ ବିଷୟରେ ମନ୍ତ୍ରୀଙ୍କୁ ସୂଚିତ କରିଥିଲେ। ଜିଲ୍ଲାସ୍ତରରୁ ସମସ୍ତ ଜିଲ୍ଲାପାଳମାନେ ଆଭାସି ମାଧ୍ୟମରେ ବୈଠକରେ ସାମିଲ ହୋଇ ଜିଲ୍ଲା ସ୍ତରରେ ଡାଇରିଆ ସଂକ୍ରମଣ ମୁକାବିଲା ବିଷୟରେ ମନ୍ତ୍ରୀଙ୍କୁ ସୂଚିତ କରିଥିଲେ। ସରକାରଙ୍କ ବିଭିନ୍ନ ବିଭାଗ କିଭଳି ଭାବରେ ଯୁଦ୍ଧକାଳୀନ ଭିତ୍ତିରେ ଡାଇରିଆ ନିରାକରଣ ପାଇଁ କାର୍ଯ୍ୟ କରୁଛନ୍ତି ସେ ବିଷୟରେ ଶାସନ ସଚିବ ମନ୍ତ୍ରୀଙ୍କ ନିକଟରେ ତଥ୍ୟ ଉପସ୍ଥାପନ କରିଥିଲେ।

ମିଶନଶକ୍ତି ବିଭାଗ ପକ୍ଷରୁ ଡାଇରିଆ ନିବାରଣ ପାଇଁ ମହିଳା ଏସଏଚଜି ସଦସ୍ୟଙ୍କ ମାଧ୍ୟମରେ ସଚେତନତା ଅଭିଯାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଭିଯାନ ଆସନ୍ତା ୮ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ। ସମସ୍ତ ମହିଳାଏସଏଚଜି ସଦସ୍ୟା ସମସ୍ତ ପରିବାରଙ୍କ ନିକଟରେ ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବେ। ସେମାନେ ସଚେତନତା ସମ୍ବନ୍ଧୀୟ ଆଇଇସି ସାମଗ୍ରୀ ବଣ୍ଟନ କରିବେ ଏବଂ ଗ୍ରାମର ପ୍ରମୁଖ ସ୍ଥାନରେ ବୈଠକ ଆୟୋଜନ କରି ପରିମଳ ଓ ସ୍ୱଚ୍ଛତା ବାର୍ତ୍ତା ସହ ଡାଇରିଆ ବିଷୟରେ ଆବଶ୍ୟକୀୟ ସମସ୍ତ ତଥ୍ୟ ପ୍ରଦାନ କରିବେ ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଅଧିକାଂଶ ପାନୀୟ ଜଳ ବିଭାଜନ ଗୁଡ଼ିକରେ ପାନୀୟଜଳ ଉତ୍ସ ଯଥା ନଳକୂଅ, ଖୋଲାକୁଅ ଆଦିର ବିଶୋଧନ ସମ୍ପୂର୍ଣ୍ଣ ହୋଇଛି ଓ ଅନ୍ୟ ସମସ୍ତ ବିଭାଜନରେ ମଧ୍ୟ ଜାରି ରହିଛି । ସମସ୍ତ ପାନୀୟ ଜଳଉତ୍ସକୁ ପରୀକ୍ଷା କରାଯାଉଛି । ଯେଉଁ ଉତ୍ସରେ ବାରମ୍ବାର ସଂକ୍ରମଣ ରହୁଛି ସେଭଳି କୂଅ ଓ ନଳକୂଅକୁ ସିଲ୍ କରି ଦିଆଯାଉଛି । ଗ୍ରାମାଞ୍ଚଳରେ ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଆଶା, ଅଙ୍ଗନବାଡି ଦିଦି ମାନେ ଜଳ ବିଶୋଧନ ପ୍ରକ୍ରିୟା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ଏହାସହ ଅଙ୍ଗନବାଡ଼ି, ସ୍କୁଲ ଓ କଲେଜ ଗୁଡ଼ିକର ସୁରକ୍ଷାକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାରେ ଖରାଛୁଟିକୁ ଜୁନ ୨୩ ଓ ଯାଜପୁର ଜିଲ୍ଲାରେ ୨୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବିଭିନ୍ନ ଖାଦ୍ୟ ନିରାପତ୍ତା ଦଳ ମଧ୍ୟ ହୋଟେଲ, ରାସ୍ତା କଡ ଦୋକାନ, ଢାବାର ଖାଦ୍ୟ ପରୀକ୍ଷା ଓ ରେଡ଼ ଜାରି ରଖିଛନ୍ତି । ଏଥି ସଙ୍କ୍ରାନ୍ତୀୟ ସମସ୍ତ ସରକାରୀ ନିୟମ କଡାକଡି ଭାବରେ ପାଳନ କରାଯାଉଛି।

ସେହିପରି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମଧ୍ୟ ଜଳସାଥୀ ମାନଙ୍କୁ ନିୟୋଜିତ କରାଯାଇ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ନିୟୋଜିତ କରାଯାଇ ନିରାପଦ ପାନୀୟ ଜଳ ସମ୍ପର୍କିତ ସୂଚନା-ଶିକ୍ଷା -ସଂଚାର କାର୍ଯ୍ୟକ୍ରମ ଜାରି ରହିଛି । ବ୍ୟାସନଗର ପୌର ପରିଷଦରେ ହଇଜା ନିୟନ୍ତ୍ରଣ ନିମନ୍ତେ କଟକ ୱାଟ୍‌କୋ ଡିଭିଜନ୍‌ର ପରିଚାଳନା ନିର୍ଦ୍ଦେଶକଙ୍କୁ କ୍ୟାମ୍ପ ଅଫିସ କରି ପଠାଯାଇଛି । ତାଙ୍କୁ ସେଠାରେ ଅନ୍ୟାଦେଶ ପର୍ଯ୍ୟନ୍ତ ଅବସ୍ଥାପନ କରାଯାଇଛି । ଏହା ସହ ଆଗାମୀ ରଥଯାତ୍ରାକୁ ଧ୍ୟାନରେ ରଖି ପୁରୀ ମୁନିସିପାଲିଟି ଅଞ୍ଚଳ ଏବଂ ୱାଟ୍‌କୋ ଅଧିନସ୍ଥ ନିମାପଡ଼ା, ପିପିଲି ଓ କୋଣାର୍କ ପରି ନିକଟସ୍ଥ ପୌର ପରିଷଦଗୁଡ଼ିକରେ ହଇଜା ନିୟନ୍ତ୍ରଣ ନିମନ୍ତେ ୱାଟ୍‌କୋର ନିର୍ଦ୍ଦେଶକ (ସଂଚାଳନ)ଙ୍କୁ ପୁରୀଠାରେ ଅବସ୍ଥାପିତ କରାଯାଇଛି । ଡାଇରିଆ ନିୟନ୍ତ୍ରଣ ପାଇଁ ସମସ୍ତ ପାଇପ ଜଳଯୋଗାଣ ବ୍ୟବସ୍ଥାକୁ କ୍ଲୋରିନ୍ ରେ ବିଶୋଧନ କରାଯାଉଛି । ସମସ୍ତ କୂଅ, ନଳକୂପ ଏବଂ ଅଗଭୀର ନଳକୂପଗୁଡ଼ିକୁ ବିଶୋଧନ କରାଯାଉଛି। ସମସ୍ତ ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଥିବା ପାଣିଟାଙ୍କିଗୁଡ଼ିକକୁ ସଫା କରାଯିବା ସହ ଜଳ ଉତ୍ସଗୁଡ଼ିକୁ ବିଶୋଧନ କରାଯାଉଛି । ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଯଥେଷ୍ଟ ପରିମାଣର ବ୍ଲିଚିଂ ପାଉଡର ଓ କ୍ଲୋରିନ୍ ଟାବ୍‌ଲେଟ୍ ମହଜୁଦ ରଖାଯାଇଛି । ସମସ୍ତ ଜଳସାଥିଙ୍କୁ ବିଭିନ୍ନ ଜଳ ବ୍ୟବହାର କରାଯାଉଥିବା ସ୍ଥାନରୁ ଜଳ ନମୁନା ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ପ୍ରଶାସନ, ପଞ୍ଚାୟତିରାଜ ବିଭାଗ ସହ ସମନ୍ୱୟ ରକ୍ଷାକରି ପ୍ରତିଦିନ ଜଳ ନମୁନା ପରୀକ୍ଷା ପାଇଁ ସଂଗ୍ରହ କରାଯାଉଛି । ପରୀକ୍ଷଣର ଫଳକୁ ପ୍ରତ୍ୟେକ ଦିନ ଜିଲ୍ଲା ପ୍ରଶାସନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ୱାଟ୍‌କୋ କାର୍ଯ୍ୟାଳୟକୁ ପଠାଯାଉଛି। ଏଭଳି ପରିସ୍ଥିତିରେ ସମସ୍ତ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଲୋକଙ୍କ ସେବାରେ ସଦାସର୍ବଦା ସମର୍ପିତ ରହିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଆକ୍ରାନ୍ତ ଦିବ୍ୟାଙ୍ଗ, ଶିଶୁ, ମହିଳା ଓ ବରିଷ୍ଠ ନାଗରିକଙ୍କ ଚିକିତ୍ସା ପ୍ରତି ସ୍ୱତନ୍ତ୍ର ରୂପେ ଯତ୍ନବାନ ହେବାପାଇଁ ସେ କହିଥିଲେ। ସରକାର ସବୁ ଦିଗରୁ ଏହି ପରିସ୍ଥିତିର ମୁକାବିଲା ଓ ଲୋକଙ୍କ ନିରାପଦ ସ୍ୱାସ୍ଥ୍ୟ ପ୍ରତି ସମର୍ପିତ ଥିବା ନେଇ ମନ୍ତ୍ରୀ କହିଥିଲେ। ରାଜ୍ୟସାରା ଖାଦ୍ୟ ନିରାପତ୍ତା ଓ ଜଳ ନିରାପତ୍ତାକୁ ସର୍ବାଧିକ ପ୍ରାଧାନ୍ୟ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଡାଇରିଆ ସଂକ୍ରାମକଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଉଛି ଏବଂ ସରକାର ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ସବୁ ମତେ ଯତ୍ନବାନ ଓ ସଦାତତ୍ପର ରହି ସଂକ୍ରମଣର ନିରାକରଣ ପାଇଁ ସବୁ ଦିଗରୁ କାର୍ଯ୍ୟ କରୁଥିବା ନେଇ ମନ୍ତ୍ରୀ ପ୍ରକାଶ କରିଥିଲେ।

# ୨୭୫୦ କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ୨୭୫୦ କୋଟିରୁ ଅଧିକ ମୂଲ୍ୟର ଯୋଜନାଗୁଡ଼ିକର ଶିଳାନ୍ୟାସ, ଉଦ୍‌ଘାଟନ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ଏହି କାର୍ଯ୍ୟକ୍ରମ 'ବିକଶିତ ଭାରତ – ବିକଶିତ ଓଡ଼ିଶା' ସଂକଳ୍ପକୁ ସାକାର କରିବା ଦିଗରେ ଏକ ବଡ଼ ପଦକ୍ଷେପ। ୧୧ ବର୍ଷର ସେବା, ସୁଶାସନ ଏବଂ ଗରୀବ କଲ୍ୟାଣ ଏବଂ ଓଡ଼ିଶା ସରକାରଙ୍କ ଗୋଟିଏ ବର୍ଷ ପୂରଣ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଐତିହାସିକ ହେବାକୁ ଯାଉଛି। ଏହି ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ସରଳା-ଶାସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନ୍‌ର ଶିଳାନ୍ୟାସ କରିବେ। ଏହି ପ୍ରକଳ୍ପ ଝାରସୁଗୁଡ଼ା-ସମ୍ବଲପୁର ଭଳି ବ୍ୟସ୍ତତମ ରେଳ ସେକ୍ସନରେ ଟ୍ରାଫିକ ଭାର ହ୍ରାସ କରିବ ଏବଂ ଶିଳ୍ପ ଓ ଯାତ୍ରୀ ପରିବହନକୁ ବୃଦ୍ଧି କରିବ। ଏହା ସହିତ ପ୍ରଧାନମନ୍ତ୍ରୀ ସୋନପୁର-ପୁରୁଣାକଟକ ମଧ୍ୟରେ ୭୩ କିଲୋମିଟର ଲମ୍ବା ନୂତନ ରେଳ ଲାଇନର ଉଦ୍‌ଘାଟନ କରିବେ। ଏହି ରେଳ ଲାଇନ ୩୦୧ କିଲୋମିଟର ଲମ୍ବା ଖୋର୍ଦ୍ଧା ରୋଡ-ବଲାଙ୍ଗିର ରେଳ ଲାଇନ୍‌ର ଏକ ଅଂଶ। ଏହାର ନିର୍ମାଣ ସହିତ, ବୌଦ୍ଧ ଜିଲ୍ଲା ମୁଖ୍ୟାଳୟ ପ୍ରଥମ ଥର ପାଇଁ ରେଳ ନେଟୱାର୍କ ସହିତ ସଂଯୋଗ ହେବାକୁ ଯାଉଛି। ଏହି ଅଞ୍ଚଳ ଏବେ ଭାରତର ରେଳ ମାନଚିତ୍ରରେ ଅନ୍ତର୍ଭୁକ୍ତ ହେବ, ଯାହା ସ୍ଥାନୀୟ ଲୋକଙ୍କ ଦଶନ୍ଧି ପୁରୁଣା ସ୍ୱପ୍ନ ପୂରଣ କରିବାକୁ ଯାଉଛି। ଏହା ସହିତ, ଭକ୍ତମାନେ ଭୈରବୀ ମନ୍ଦିରକୁ ଯିବା ଆସିବାରେ ସାହାଯ୍ୟ ପାଇବେ। ପ୍ରଥମ ଥର ପାଇଁ ସୋନପୁର ଏବଂ ପୁରୁଣାକଟକ ମଧ୍ୟରେ ନୂତନ ରେଳ ଲାଇନ ମାଧ୍ୟମରେ ସିଧାସଳଖ ରେଳ ସଂଯୋଗ ହାସଲ କରାଯାଉଛି, ଯାହା ଏହି ଅଞ୍ଚଳର ସାମାଜିକ ଏବଂ ଅର୍ଥନୈତିକ ସଂଯୋଗକୁ ଆହୁରି ମଜବୁତ କରିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଓଡ଼ିଶାବାସୀଙ୍କ ପାଇଁ ନୂତନ ରେଳ ସେବାର ଶୁଭାରମ୍ଭ କରିବେ। ନୂତନ ଟ୍ରେନ୍ ସେବା ସହିତ ବୌଦ୍ଧ ଜିଲ୍ଲାର ଅଞ୍ଚଳଗୁଡ଼ିକ ପ୍ରଥମ ଥର ପାଇଁ ରାଜଧାନୀ ଭୁବନେଶ୍ୱର ସହିତ ସୁଲଭ ଏବଂ ସୁବିଧାଜନକ ରେଳ ସେବା ପାଇବେ। ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାରେ ରେଳ ବିକାଶ ଅଭୂତପୂର୍ବ ଗତି ହାସଲ କରିଛି। ରାଜ୍ୟରେ ରେଳ ନେଟୱାର୍କକୁ ୧୦୦ ପ୍ରତିଶତ ବିଦ୍ୟୁତୀକରଣ କରାଯାଇଛି ଏବଂ ରାଜ୍ୟର ୫୯ଟି ଷ୍ଟେସନକୁ ଆଧୁନିକ ସୁବିଧା ସହିତ ସଜ୍ଜିତ କରି ଅମୃତ ଷ୍ଟେସନ ଭାବରେ ବିକଶିତ କରାଯାଉଛି। ସେହି ସମୟରେ, ରାଜ୍ୟର ୧୭ଟି ଜିଲ୍ଲା ୬ଟି ବନ୍ଦେ ଭାରତ ଟ୍ରେନ୍ ମାଧ୍ୟମରେ ଆଧୁନିକ ରେଳ ଯାତ୍ରାର ଲାଭ ପାଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍ଘାଟିତ ହେବାକୁ ଥିବା ନୂତନ ଟ୍ରେନଗୁଡ଼ିକ ହେଉଛି ୧୮୩୧୩/୧୮୩୧୪ ବୌଦ୍ଧ-ଭୁବନେଶ୍ୱର ନୂଆ-ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ୍ ଏବଂ ୧୮୩୧୧/୧୮୩୧୨ ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ୍। ୧୮୩୧୩/୧୮୩୧୪ ବୌଦ୍ଧ-ଭୁବନେଶ୍ୱର ନୂଆ-ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ୍ ପ୍ରତି ସୋମବାର ବୌଦ୍ଧରୁ ସକାଳ ୦୭ ଘଟିକାରେ ଛାଡିବ ଏବଂ ବଲାଙ୍ଗୀର-ସମ୍ବଲପୁର-ଅନୁଗୁଳ-ନରାଜ ଦେଇ ଭୁବନେଶ୍ୱର ନୂଆରେ ସନ୍ଧ୍ୟା ୦୬ ଘ.୧୫ ମି.ରେ ପହଞ୍ଚିବ। ଫେରିବା ମାର୍ଗରେ, ଏହି ଟ୍ରେନଟି ସୋମବାର ଭୁବନେଶ୍ୱର ନୂଆରୁ ରାତି ୧୧ ଘଟିକାରେ ଛାଡିବ ଏବଂ ମଙ୍ଗଳବାର ଦିନ ପୂର୍ବାହ୍ନ ୧୦ଘ.୩୦ମିରେ ବୌଦ୍ଧରେ ପହଞ୍ଚିବ। ସେହିପରି ସମ୍ବଲପୁରରୁ ୧୮୩୧୧/୧୮୩୧୨ ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ୍ ରବିବାର ଦିନ ସନ୍ଧ୍ୟା ୦୭ଘ.୨୫ମି.ରେ ଛାଡିବ ଏବଂ ସେହି ଦିନ ରାତ୍ରି ୧୧ଘ.୫୫ମି.ରେ ବୌଦ୍ଧରେ ପହଞ୍ଚିବ। ଫେରିବା ସମୟରେ, ବୌଦ୍ଧରୁ ଏହି ଟ୍ରେନଟି ମଙ୍ଗଳବାର ଦିନ ମଧ୍ୟାହ୍ନ ୧୨ଘ.୧୫ମି.ରେ ଛାଡିବ ଏବଂ ସେହି ଦିନ ସନ୍ଧ୍ୟା ୦୭ଘ.୩୦ମି.ରେ ସମ୍ବଲପୁରରେ ପହଞ୍ଚିବ। ଏହା ବ୍ୟତୀତ ଭୁବନେଶ୍ୱର-ସୋନପୁର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ଏବଂ ଦୁଇ ଯୋଡ଼ା ବଲାଙ୍ଗୀର-ସୋନପୁର ସଟଲ୍ ପାସେଞ୍ଜର ଟ୍ରେନ୍ ପ୍ରଥମ ଥର ପାଇଁ ପୁରୁଣାକଟକ ପର୍ଯ୍ୟନ୍ତ ଚଳାଚଳ କରିବ ।

# 'ଯୋଗ: ସମସ୍ତଙ୍କ ପାଇଁ ଶକ୍ତିର ଅଫୁରନ୍ତ ଉତ୍ସ, ଏଚ୍‌ଆଇଭି ଯୋଦ୍ଧାମାନଙ୍କ ପାଇଁ ଦୈନିକ ସୁସ୍ଥ ରହିବାର ସଞ୍ଜୀବନି ସ୍ପର୍ଶ'

**ସ୍ମୃତି ସାଗରିକା କାନୁନଗୋ**

ଜୁନ୍ ୨୧ ଆନ୍ତର୍ଜାତୀୟ ଯୋଗ ଦିବସ, କେବଳ ୫,୦୦୦ ବର୍ଷ ପୁରୁଣା ପରମ୍ପରାର ଏକ ଉତ୍ସବ ନୁହେଁ – ଏହା ଆଜିର ଦ୍ରୁତ ଗତିଶୀଳ ବିଶ୍ୱରେ ସାମଗ୍ରିକ ସ୍ୱାସ୍ଥ୍ୟର ଗୁରୁତ୍ୱର ଏକ ସମୟୋଚିତ ସ୍ମରଣକାରୀ ମୁହୂର୍ତ୍ତ । ଆଧୁନିକ ଜୀବନର ଚାପ, ଜୀବନଶୈଳୀ ଜନିତ ରୋଗ ଏବଂ ଭାବପ୍ରବଣତା ଅଶାନ୍ତି ବୃଦ୍ଧିର ପ୍ରମୁଖ କାରଣ ହୋଇଥିବାରୁ ଯୋଗ ଶାରୀରିକ ଜୀବନଶକ୍ତି, ମାନସିକ ଶାନ୍ତି ଭାବପ୍ରବଣତା ଉପରେ ଆଧାରିତ ନିୟନ୍ତ୍ରଣ ଓ ସ୍ଥିରତା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ଉଭା ହୋଇଛି।

**ଯୋଗ:** ଏକ ସାର୍ବଜନୀନ ସୁସ୍ଥତା ପାଇଁ ଧାରାବାହିକ ଅଭ୍ୟାସ । ଯୋଗର ଜନ୍ମ ଭୂମି ଭାରତ । ଯୋଗ କେବଳ ଶାରୀରିକ ବ୍ୟାୟାମ ନୁହେଁ ବରଂ – ଏହା ନିରାମୟ ଜୀବନଯାପନର ଏକ ବୈଜ୍ଞାନିକ ଉପାୟ। ଏହା ଶାରୀରିକ ଆସନ (ଆସନ), ଶ୍ୱାସ କୌଶଳ (ପ୍ରାଣାୟମ) ଏବଂ ଧ୍ୟାନ (ଧ୍ୟାନ)ର ମିଶ୍ରଣ ମାଧ୍ୟମରେ ଶରୀର, ମନ ଏବଂ ଆତ୍ମାକୁ ସମନ୍ୱିତ କରେ। ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଶାରୀରିକ ସୁସ୍ଥତା ଏବଂ ନମନୀୟତା ବୃଦ୍ଧି, ଶ୍ୱାସକ୍ରିୟା ଏବଂ ହୃଦ୍‌ରୋଗ ସ୍ୱାସ୍ଥ୍ୟରେ ଉନ୍ନତି, ଚାପ, ଚିନ୍ତା ଏବଂ ଅବସାଦ ହ୍ରାସ, ଓଜନ ପରିଚାଳନା ଏବଂ କୋଷ ବିଭାଜନରେ ସନ୍ତୁଳନ ସୁରକ୍ଷା, ଶାନ୍ତ ନିଦ୍ରା ଏବଂ ସାମଗ୍ରିକ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ ।

ଏବେ ଉଚ୍ଚ ରକ୍ତଚାପ, ମଧୁମେହ ଏବଂ ଚିନ୍ତା ପରି ଅଣ-ସଂକ୍ରମଣକାରୀ ରୋଗ ବୃଦ୍ଧି ପାଇବାରେ ଲାଗିଛି । ସୁସ୍ଥ ସମାଜ ଗଠନ ପାଇଁ ଯୋଗ ଏକ ସୁଲଭ ଏବଂ ପ୍ରଭାବଶାଳୀ ମାଧ୍ୟମ । ଯୋଗର ସାଧାରଣ ଲାଭଗୁଡ଼ିକ ଜଣାଶୁଣା ହେଲେ ମଧ୍ୟ, ଏଚ୍‌ଆଇଭି/ଏଡ୍‌ସ/(ପିଏଲ୍‌ଏଚ୍‌ଆଇଭି) ସହିତ ବଞ୍ଚୁଥିବା ଲୋକଙ୍କ ଉପରେ ଏହାର ପ୍ରଭାବ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ। ଏଚ୍‌ଆଇଭି ସହିତ ବଞ୍ଚିବା କେବଳ ଏକ ଅବସ୍ଥା ନୁହେଁ – ଏହା ଭାବପ୍ରବଣ, ଶାରୀରିକ ଏବଂ ସାମାଜିକ ଚ୍ୟାଲେଞ୍ଜ ଆଣିଥାଏ ଯାହା ପାଇଁ ଏକ ସାମଗ୍ରିକ ଯତ୍ନ ଆବଶ୍ୟକ । କିଛି ଯୋଗିକ ଆସନ ଏବଂ ଶ୍ୱାସକ୍ରିୟା ଅଭ୍ୟାସ ରକ୍ତ ସଞ୍ଚାଳନ ଏବଂ ଅମ୍ଳଜାନ ବୃଦ୍ଧି କରେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଯୋଗ ଭାବପ୍ରବଣ ସନ୍ତୁଳନକୁ ବୃଦ୍ଧି କରେ। କ୍ଳାନ୍ତ ହ୍ରାସ କରିବାରେ ସାହାଯ୍ୟ କରେ ଏବଂ ଯନ୍ତ୍ରଣାକୁ କମ୍ କରେ । ନିୟମିତ ଯୋଗ ଅଭ୍ୟାସ ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ, ଡିପ୍ରେସନର ଲକ୍ଷଣକୁ ହ୍ରାସ କରେ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହଯୋଗ କରେ। ଯଦିଓ ଏହା ଚିକିତ୍ସାର ବିକଳ୍ପ ନୁହେଁ, ଯୋଗ ଜୀବନର ଗୁଣବତ୍ତା ବୃଦ୍ଧି କରିପାରିବ ଏବଂ ପାର୍ଶ୍ୱ ପ୍ରତିକ୍ରିୟାକୁ ହ୍ରାସ କରିପାରିବ। ସାରା ବିଶ୍ୱରେ ଗବେଷଣା ଏବଂ ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଅଭିଜ୍ଞତା ଯୋଗକୁ ଏଚ୍‌ଆଇଭି ଯତ୍ନ କାର୍ଯ୍ୟକ୍ରମରେ ଏକ ସମନ୍ୱିତ ସ୍ୱାସ୍ଥ୍ୟ ହସ୍ତକ୍ଷେପ ଭାବରେ ସ୍ୱୀକାର କରିବାକୁ ଆରମ୍ଭ କରିଛି। ଏହା ବୟସ, ଲିଙ୍ଗ, ଧର୍ମ, ଆର୍ଥିକ ସ୍ଥିତି ସମସ୍ତଙ୍କ ପାଇଁ ଯୋଗର ବାର୍ତ୍ତା ସାର୍ବଜନୀନ । ଏଚ୍‌ଆଇଭି/ଏଡ୍‌ସ ସହିତ ବଞ୍ଚୁଥିବା ଲୋକଙ୍କ ପାଇଁ ଏହା ମର୍ଯ୍ୟାଦା, ସଶକ୍ତିକରଣର ପଥ ପ୍ରଦର୍ଶନ କରେ। ଭାରତ ବିଶ୍ୱ ଯୋଗ ଆନ୍ଦୋଳନର ନେତୃତ୍ୱ ନେବା ଜାରି ରଖିଥିବାରୁ ଏହାକୁ ସ୍କୁଲ, କର୍ମକ୍ଷେତ୍ର, ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ସଂଯୋଜିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

**ଗୋଟିଏ ସ୍ୱାସ୍ଥ୍ୟ, ଗୋଟିଏ ମାନବତା ପାଇଁ ଯୋଗ :** ଆମେ ୨୦୨୫ ମସିହାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରୁଥିବା ସମୟରେ, 'ଏକ ପୃଥିବୀ ପାଇଁ ଯୋଗ, ଗୋଟିଏ ସ୍ୱାସ୍ଥ୍ୟ' ବିଷୟବସ୍ତୁ ଆମକୁ ମନେ ପକାଇ ଦେଉଛି ଯେ ସ୍ୱାସ୍ଥ୍ୟ ଏକ ସାମୂହିକ ଯାତ୍ରା। ଆପଣ ଜଣେ ଛାତ୍ର, ବୃତ୍ତିଗତ, ଗୃହିଣୀ, କିମ୍ବା ଦୀର୍ଘକାଳୀନ ରୋଗରେ ପୀଡିତ ହୁଅନ୍ତୁ ନା କାହିଁକି, ଯୋଗ ଆପଣଙ୍କୁ ସୁସ୍ଥତା ପ୍ରଦାନ କରିବା ପାଇଁ ଅଛି।

**ପ୍ରଧାନମନ୍ତ୍ରୀଙ୍କ ଭାଷାରେ:** 'ଯୋଗ ଏକ ପ୍ରାଚୀନ ଅଭ୍ୟାସ ଯାହା ଆମକୁ ବର୍ତ୍ତମାନର ମୁହୂର୍ତ୍ତ ସହିତ ଯୋଡେ। ଏହା ଆମକୁ ନିଜ ସହିତ, ଅନ୍ୟମାନଙ୍କ ସହିତ ଏବଂ ପ୍ରକୃତି ସହିତ ସମନ୍ୱୟରେ ରହିବାରେ ସାହାଯ୍ୟ କରେ।' ଆସନ୍ତୁ ଆମେ ଯୋଗକୁ କେବଳ ଗୋଟିଏ ଦିନ ପାଇଁ ଏକ ରୀତି ଭାବରେ ନୁହେଁ, ବରଂ ନିଜ ପାଇଁ ଏବଂ ଆମର ସାମୂହିକ ମଙ୍ଗଳ ପାଇଁ ଏକ ଦୈନନ୍ଦିନ ନିବେଶ ଭାବରେ ଗ୍ରହଣ କରିବା ନିଜେ ସୁସ୍ଥ ରହି ସମାଜ ଓ ଦେଶର ମାନବିକ ସମ୍ବଳକୁ ଶକ୍ତିମାନରେ ସ୍ୱୟଂଶିଦ୍ଧ୍ ହେବା ।

# ଆଦିତ୍ୟ ଆଲୁମିନିୟମ ଦ୍ୱାରା ଆରୋଗ୍ୟ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବାର ଶୁଭାରମ୍ଭ

**ଲପଙ୍ଗା, ନ୍ୟୁଜ ବ୍ୟୁରୋ**




ଆଦିତ୍ୟ ଆଲୁମିନିୟମ ଲପଙ୍ଗା ଓ ହଂସ ଫାଉଣ୍ଡେସନ ମିଳିତ ଆନୁକୁଲ୍ୟରେ ଆରୋଗ୍ୟ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବାର ଶୁଭ ଆରମ୍ଭ ହୋଇଛି । ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବାରେ ଜଣେ ଡକ୍ଟର, ଫାର୍ମାସିଷ୍ଟ, ଲାବ୍ ଟେକ୍ନିସିଆନ୍, ଏନମ, ପାଥଲାବ୍‌ର ସୁବିଧା ସହିତ ମାଗଣାରେ ଔଷଧର ଉପଲବ୍ଧ ମଧ୍ୟ ଜନ ସାଧାରଣ ପାଇପାରିବେ । ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଦ୍ୱାରା ରେଙ୍ଗାଲି ବ୍ଲକର ୬ ଗୋଟି ଗ୍ରାମ ପଞ୍ଚାୟତ ଯଥା ଲପଙ୍ଗା, ବୋମାଲେଇ, କତରବଗା, ଜଙ୍ଗଲା ଗିଚାମୁରା ଓ ନିଶାନଭଙ୍ଗାର ପ୍ରାୟ ୪୦୦୦୦ ( ଚାଳିଶି ହଜାର)ରୁ ଉର୍ଦ୍ଧ୍ୱ ଜନ ସାଧାରଣ ଉପକୃତ ହେବେ। ଉକ୍ତ ଉଦ୍ଘାଟନରେ ରେଙ୍ଗାଲି ବ୍ଲକର ଅଧକ୍ଷ ସତ୍ୟ ନାରାୟଣ ଅଗ୍ରୱାଲ, ଲପଙ୍ଗା ପଞ୍ଚାୟତର ସମିତିସଭ୍ୟ କିରଣ ବେହେରା ଓ ସମସ୍ତ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ ଏଥିସହିତ ଆଦିତ୍ୟ ଆଲୁମିନିୟମ କାରଖାନା ମୁଖ୍ୟ ଜଗନ୍ନାଥ ନାୟକ, କର୍ପୋରେଟ ସିଏସଆର୍ ମୁଖ୍ୟ ଅଭିଜିତ, ମାନବ ସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର, ସିପିପି ମୁଖ୍ୟ ଗୁଲସନ୍ ତିୱାରୀ, ସି ଏସ ଆର ଓଡ଼ିଶା କ୍ଲଷ୍ଟର ମୁଖ୍ୟ ଶିବ ପ୍ରସାଦ ମହାପାତ୍ର, ଆଦିତ୍ୟ ହେଲଥ୍ କେୟାର ମୁଖ୍ୟ ଡକ୍ଟର ଆରିଦମ୍ ରୟ ଚୌଧୁରୀ, ଇର ର ମୁଖ୍ୟ ଷ୍ଟିଫେନ୍ କିଆରାକ୍ ଓ ହଂସ ଫାଉଣ୍ଡେସନର ଆଞ୍ଚଳିକ ମୁଖ୍ୟ ଶିଶୁପାଳ ମେହେତା ଓ ସମସ୍ତ କର୍ମଚାରୀ, ସିଏସଆର୍ ସମସ୍ତ କର୍ମଚାରୀ ଓ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମଟିକୁ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ରବି ନିୱାସ ଓ ଉପ ପ୍ରବନ୍ଧକ ମନୋରଞ୍ଜନ ବେହେରା କାର୍ଯ୍ୟଟିକୁ ପରିଚାଳନା ରହିଥିଲେ । ସ୍ଥାନୀୟ ଅଧିବାସୀ ଏଭଳି ମହତ୍ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଆଦିତ୍ୟ ଆଲୁମିନିୟମ, ଲପଙ୍ଗାକୁ ସାଧୁବାଦ ଜ୍ଞାପନ କରିଥିଲେ ।

# ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ଘରେ ଆଇଟି ରେଡ୍

**ଝାରସୁଗୁଡ଼ା/ ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ଘରେ ଆଇଟି ରେଡ୍। ଦେଶର ୨୦ରୁ ଅଧିକ ସ୍ଥାନରେ ଆୟକର ବିଭାଗର ଚଢଉ। ଗୁରୁବାର ସକାଳ ୫ଟାରୁ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଭୁବନେଶ୍ୱର, କଟକ, ପୁରୀ, ଓ ଦିଲ୍ଲୀରେ ଆଇଟି ରେଡ୍ କରିଛି। ସମ୍ବଲପୁରର ୪ଟି ସ୍ଥାନରେ ରେଡ୍ କରାଯାଉଛି। ବୀର ସୁରେନ୍ଦ୍ର ସାଏ ମାର୍ଗରେ ଥିବା ଏକ ହୋଟେଲ, ମୁଦିପଡ଼ାରେ ଥିବା ବିଶାଳ ଭିଲା ବାସଭବନ, ଅଇଁଠାପାଲି ଛକରେ ଏକ ମଲ୍ ଏବଂ ଝାରସୁଗୁଡା ରୋଡରେ ଥିବା ଏକ ବାରରେ ଆଇଟି ରେଡ୍ କରିଛି। ଆୟକର ଫାଙ୍କିବା ଅଭିଯୋଗରେ ତନାଘନା ଚାଲିଛି। ବିଭିନ୍ନ ସ୍ଥାନରେ ଚଢଉରେ ୨୦ଟି ଟିମ୍‌ରେ ୧୦୦ରୁ ଅଧିକ ଅଧିକାରୀ ସାମିଲ ଅଛନ୍ତି। ଆଇଟି ସ୍କାନରରେ ନବ ଦାସଙ୍କ ଝିଅ ଦୀପାଳି ଦାସ ଓ ପୁଅ ବିଶାଳ ଦାସ ଅଛନ୍ତି। ଦୀପାଳି ଦାସ ପୁରୀରୁ ଫେରୁଥିବା ବେଳେ, ବିଶାଳ ଦାସ ଦିଲ୍ଲୀରେ ଅଛନ୍ତି । ଉଭୟଙ୍କ ଉପରେ ଆଇଟି ଟିମ୍ ନଜର ରଖିଛି ।

# କମିବ ବିମାନବନ୍ଦର ପାଖ ଘର ଓ ଗଛର ଉଚ୍ଚତା

**ନୂଆଦିଲ୍ଲୀ :**

କମିବ ବିମାନ ବନ୍ଦର ନିକଟରେ ରହିଥିବା ଘର ଓ ଗଛର ଉଚ୍ଚତା । ନୋଟିସ ପାଇବାର ୬୦ ଦିନରେ ଘର ଭାଙ୍ଗିବେ ମାଲିକ । ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିରେ କୁହାଯାଇଛି ଯେ, ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ଠାରୁ ନୋଟିସ୍ ପାଇବା ପରେ ୬୦ ଦିନ ମଧ୍ୟରେ ମାଲିକମାନଙ୍କୁ ଘରର ଉଚ୍ଚତା କମ କରିବାକୁ ହେବ । ଏଥି ସହ ଯେଉଁ ଗଛ ବିମାନ ଉଡାଣରେ ଅବରୋଧ କରୁଥିବ ତାକୁ କାଟିବାକୁ କିମ୍ବା ଉଚ୍ଚତା କମ କରିବାକୁ ନିର୍ଦ୍ଦେଶ ରହିଛି । ତେବେ କେନ୍ଦ୍ର ସରକାରଙ୍କ ବିମାନ(କୋଠା ଓ ଗଛ ଇତ୍ୟାଦିରୁ ସୃଷ୍ଟି ହେଉଥିବା ଅବରୋଧ ହଟାଇବା) ନିୟମ ୨୦୨୫ ଅନୁଯାୟୀ ବିଜ୍ଞପ୍ତି ଜାରି ହୋଇଛି । ଏହି ନିୟମ ଅନୁଯାୟୀ, ଘରର ମାଲିକ ମାନେ କ୍ଷତିପୂରଣ ପାଇଁ ଆବେଦନ କରିପାରିବେ ।

NATIONAL HEALTH MISSION

**Office of the CDM & PHO-Cum-DMD, Jagatsinghpur**
DISTRICT PROGRAMME MANAGEMENT AND SUPPORT UNIT (DTC wing)
Advt. No.191 /DTC/2025 Dated: 18/06/2025
E-175

**Expression of interest for Empanelment of X-Ray Services**

Sealed proposals are invited from interested eligible agencies / vendors for empanelment to provide X-Ray services for Intensified TB Elimination Campaign in Jagatsinghpur District. The eligible criteria, the detail requirement and the formats for submission of proposals are set forth in the following RFP document which can be downloaded from the website: www.jagatsinghpur.odisha.gov.in.

Interested agency fulfilling the eligibility criteria may submit their proposal (s) separately as per application format. The details of proposal(s) completed in all respect & super scribed with *Expression of interest for* **empanelment to provide X-Ray services for Intensified TB Elimination Campaign in Jagatsinghpur District**. The agencies have to submit their proposals to the office of the CDM&PHO, Jagatsinghpur which should reach on or before 25-06-2025 till 12.00 Noon through Speed post / Regd. Post / courier only. Incomplete application in any form is liable for rejection. The Authority reserves the right to reject any or all the proposals without assigning any reason thereof.

Sd/
CDM & PHO-Cum-DMD, Jagatsinghpur
OIPR-10043/11/0019/2526

**OFFICE OF THE SUPERINTENDING ENGINEER**
**RWS&S DIVISION, JAGATSINGHPUR**
O-296
Tel.No.06724-223485, mail-rwssjspur@gmail.com
e - Procurement Notice
Bid identification No. 09 of 2025-26

The Executive Engineer, RWS&S Division, Jagatsinghpur on behalf of Governor of Odishs invites Percentage bids in Single Cover system in online mode for Execution of RPWS scheme & addition and alternation of building work from eligible Class of contractors.

| | | |
|---|---|---|
| 1. | Name of work | : Extension of pipe line & building work |
| 2. | No. of work | : 2 Nos |
| 3. | Estimated Cost | : Rs. 15,09,167/-to Rs. 11,55,349/- |
| 4. | Cost of Tender paper | : Rs.6,000/-Each |
| 5. | Class of contractor | : 'D' & 'C' |
| 6. | Availability of Tender in website | : 24.06.2025 to 04.07.2025 |
| 7. | Submission of Bid in online | : 24.06.2025 to 04.07.2025 |
| 8. | Date of seeking clarification | : 24.06.2025 to 02.07.2025 |
| 9. | Date of opening of bids | : 05.07.2025 (11.00 A.M) |
| 10. | Name and address of O.I.T. | : Superintending Engineer, RWS & S Division, Jagatsinghpur |
| 11. | All other details can be seen from the web site | : www.tendersorissa.gov.in |
| 12. | Bid cost and Bid security should be submitted in online mode.. | |
| 13. | Subsequent corrigendum/addendum if required shall only be appeared in above website. | |

OIPR-25024/11/0015/2526
Sd/- Executive Engineer
RWS&S Divn, Jagatsinghpur

ଭୁବନେଶ୍ୱର
୨୦ ଜୁନ୍,
ଶୁକ୍ରବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଦଶମୀ ତିଥିରେ ଲାଗି ହେବ ଦଶମୂଳ ମୋଦକ



**ପୁରୀ,୧୯/୦୬ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ଚାଲିଛି ଅନବସର ନୀତି । ଅଣସର ପିଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗୁପ୍ତ ପୂଜା ଅନୁଷ୍ଠିତ ହେଉଛି । ଦଇତାପତିଙ୍କ ସେବା ଯତ୍ନରେ ଆରୋଗ୍ୟ ଲାଭ କରୁଛନ୍ତି ମହାପ୍ରଭୁ । ଏବେ ଜାରି ରହିଛି ଓଷ ଲାଗି। ଦଶମୀ ତିଥିରେ ଶ୍ରୀବିଗ୍ରହଙ୍କ ଚକା ବିଜେ ନୀତି ଅନୁଷ୍ଠିତ ହେବ । ସେହିଦିନ ବୈଦ୍ୟ ସେବକଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମହୌଷଧି ଶ୍ରୀମନ୍ଦିରରେ ପହଞ୍ଚିବ । ଏହାକୁ ସେବନ କଲାପରେ ଠାକୁରେ ସୁସ୍ଥ ହେବେ। ଏଣୁ ଠାକୁରଙ୍କ ମହୌଷଧି ପ୍ରସ୍ତୁତିରେ ଲାଗିଛନ୍ତି ବୈଦ୍ୟ। ବୈଦ୍ୟ ସେବକ ନନ୍ଦନନ୍ଦନ ମିଶ୍ର କୁହନ୍ତି, ଦିଅଁମାନେ ଜ୍ୱରରେ ପଡ଼ିଲାଠାରୁ ମହୌଷଧି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଦଶମୂଳ ମହୌଷଧି ଲଘୁ ୫ ଓ ଗୁରୁ ୫ଟି ଚେରମୂଳିରେ ପ୍ରସ୍ତୁତ ହେଉଛି । ସ୍ନାନପୂର୍ଣ୍ଣମୀରୁ ଚାଲିଥିଲା ପ୍ରସ୍ତୁତି । ଗମ୍ଭାରୀ, ବେଲଛେଲି, ଫଣଫଣା, ଶାଳପର୍ଣ୍ଣି, ଅଗବଥୁ, ନବାଙ୍କୁରୀ, ଗୋଖର, ଅଙ୍କରାନ୍ତି, କୃଷ୍ଣପର୍ଣ୍ଣୀ ଓ ପାଟେଲୀ ଭଳି ୧୦ ପ୍ରକାର ଚେରମୂଳି ସଂଗ୍ରହ କରାଯାଇଥିଲା । ଏହାକୁ ସମପରିମାଣର ମିଶ୍ରଣ କରାଯାଇ ଟାଣ ଖରାରେ ଶୁଖାଯାଏ। ପରେ ହେମଦସ୍ତାରେ ଚିକ୍କଣ କରି କୁଟି ନୂତନ କପଡ଼ାରେ ଭଲ ଭାବେ ଛଣାଯାଏ। ଅତ୍ୟନ୍ତ ଶୁଦ୍ଧପୁତ ଭାବେ ଏହି ମହୌଷଧି ପ୍ରସ୍ତୁତ କରାଯାଉଛି । ଏହି ଗୁଣ୍ଡକୁ ଦୁଗ୍ଧ, ମହୁ, ସାକର, ଖୁଆ, ଘିଅ ଇତ୍ୟାଦିରେ ପାଗ କରାଯାଏ । ଏହି ମିଶ୍ରଣ ଥଣ୍ଡା ହେଲା ପରେ ଗୁଳା ଗୁଳା କରି ମାଟି କୁଡୁଆରେ ରଖାଯାଏ । ତାଳପତ୍ର ଭୋଗେଇରେ କଦଳୀପତ୍ର ଦେଇ କର୍ପୁର ଦିଆଯାଏ । ଅଣସର ଦଶମୀରେ ଶ୍ରୀମନ୍ଦିରକୁ ବିଜେ କରନ୍ତି ଦଶମୂଳ ମହୌଷଧି । ସ୍ନାନ ପୂର୍ଣ୍ଣିମାଠାରୁ ଶ୍ରୀଜୀଉମାନେ ଜ୍ୱରରେ ପୀଡ଼ିତ। ପଞ୍ଚମୀରେ ଫୁଲୁରୀ ତେଲ ଲାଗି ପରେ ନବମୀ ପର୍ଯ୍ୟନ୍ତ ଠାକୁରଙ୍କୁ ଓଷ ଲାଗି କରାଯାଉଛି । ଦଶମୀରେ ଠାକୁରଙ୍କ ଚକା ବିଜେ ନୀତି ଅନୁଷ୍ଠିତ ହେବ । ଅର୍ଥାତ୍ ଦାରୁବ୍ରହ୍ମ ଜାଗ୍ରତ ଅବସ୍ଥାକୁ ଫେରିବେ । ସେହିଦିନ ଦଶମୂଳ ମହୌଷଧି ଠାକୁରଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିରରେ ପହଞ୍ଚିବ । ଏହା ସମର୍ପଣ ହେବାପରେ ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ ।

## ନାଲ୍କୋ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ ପାଳନ ନିମନ୍ତେ ପ୍ରାକ-ପ୍ରସ୍ତୁତି

# ମାସବ୍ୟାପୀ ସ୍ୱାସ୍ଥ୍ୟ ଓ ଯୋଗ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜନ



**ଭୁବନେଶ୍ୱର, ୧୯/୦୬ ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍କୋ) ପକ୍ଷରୁ ଚଳିତ ବର୍ଷର ଅନ୍ତର୍ଜାତୀୟ ଯୋଗଦିବସ ପାଳନ ତଥା ଯୋଗର ପ୍ରଚାର ପ୍ରସାର ନିମନ୍ତେ ସ୍ୱାସ୍ଥ୍ୟ, ନିରାମୟ ଓ ଦୈନନ୍ଦିନ ଜୀବନରେ ଯୋଗର ଭୂମିକା ଓ ସଚେତନତା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଆସନ୍ତା ଜୁନ ୨୧ ତାରିଖରେ କମ୍ପାନୀ ପକ୍ଷରୁ ବିଭିନ୍ନ ୟୁନିଟରେ ମେଗା ଯୋଗ କ୍ୟାମ୍ପର ମଧ୍ୟ ଆୟୋଜନ କରାଯାଉଛି। ଏଥିସହ ଗତ ଏକ ମାସ ଧରି ପ୍ରାକ-ପ୍ରସ୍ତୁତି ରୂପେ କମ୍ପାନୀର ସମସ୍ତ ପରିଚାଳନା ୟୁନିଟରେ 'ଯୋଗ ବୁଟ-କ୍ୟାମ୍ପ', 'ୱାଇ-ବ୍ରେକ ଆଟ ୱାର୍କପ୍ଲେସ' ଏବଂ 'ଯୋଗାଭ୍ୟାସ' ଅଧିବେଶନର ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମ ଗୁଡ଼ିକରେ କମ୍ପାନୀର କର୍ମଚାରୀ, ପରିବାର ବର୍ଗ, ଠିକା କର୍ମଚାରୀ, ବିଦ୍ୟାଳୟ ତଥା ଚିକିତ୍ସାଳୟର ସମସ୍ତ କର୍ମଚାରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଛନ୍ତି। "ଜନ ଭାଗୀଦାରୀ"କୁ ପ୍ରୋତ୍ସାହିତ କରିବା ନିମନ୍ତେ ନାଲ୍କୋ ଖଣି ଓ ପରିଶୋଧନ ପ୍ରକଳ୍ପ, କୋରାପୁଟ ତଥା ସ୍ମେଲଟର ଏବଂ ପାୱାରକମ୍ପ୍ଲେକ୍ସ, ଅନୁଗୋଳର ପରିପାର୍ଶ୍ୱିକ ଗ୍ରାମମାନଙ୍କରେ ମଧ୍ୟ ଯୋଗାଭ୍ୟାସ ଅଧିବେଶନମାନ ଆୟୋଜନ କରାଯାଉଛି। କମ୍ପାନୀରେ କାର୍ଯ୍ୟରତ ମହିଳା ତଥା ସ୍କୁଲ ଛାତ୍ରୀମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସଚେତନତା ଅଧିବେଶନର ଆୟୋଜନ କରାଯାଇଛି।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଟ୍ରାଫିକ୍ ଆଡଭାଇଜରି ଜାରି

**ଭୁବନେଶ୍ୱର,୧୯/୦୬ ନ୍ୟୁଜ ବ୍ୟୁରୋ**

ଶୁକ୍ରବାର ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ତାଙ୍କର ଭୁବନେଶ୍ୱର ଗସ୍ତ ପାଇଁ ସୁରକ୍ଷା ପ୍ରସ୍ତୁତି ଶେଷ ହୋଇଯାଇଛି। ଏନେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି ଯେ, ୨୦ ତାରିଖ ଅପରାହ୍ଣ ୩ଟାରୁ ସନ୍ଧ୍ୟା ୬ଟା ଯାଏ ପ୍ରାୟ ୩ ଘଣ୍ଟା ବିମାନବନ୍ଦରରୁ ଏଜି ଛକ, ରାଜଭବନ ଗୋଲେଇ, ଜୟଦେବ ବିହାର ଓ ଜାଭିୟର ଛକ ରାସ୍ତା ବନ୍ଦ ରହିବ । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ଯାହାକୁ ନେଇ ସବୁ ପ୍ରକାର ବୈଠକ ସରିଛି । ୧୩୩ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ସେଣ୍ଟ୍ରାଲ ପୋଲିସ ଫୋର୍ସ ମଧ୍ୟ ନିୟୋଜିତ ହେବେ । ଇଣ୍ଟେଲିଜେନସ ଅଫିସର ମଧ୍ୟ ନିୟୋଜିତ ରହିବେ । ଲୋକମାନେ କିପରି ଟ୍ରାଫିକ ଭିଡ଼ରେ ନ ଫସିବେ ସେନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି ।' ଶ୍ରୀ ସିଂ ଆହୁରି କହିଛନ୍ତି ଯେ, କର୍ମୀ/ସମର୍ଥକଙ୍କୁ ଧରି କଟକ ପଟୁ ଆସୁଥିବା ବସ୍ ରସୁଲଗଡ଼ ରେଳୱେ ଓଭରବ୍ରିଜ୍ ଠାରୁ ସର୍ଭିସ ରୋଡରେ ଆସି ବାଣୀବିହାର ଛକ, ଆଚାର୍ଯ୍ୟ ବିହାର ଛକରୁ ସୈନିକ ସ୍କୁଲ ରାସ୍ତା ଦେଇ ଜନତା ମଇଦାନକୁ ଯିବ । ଖୋର୍ଦ୍ଧା ଆଡୁ ଆସୁଥିବା ବସ୍‌ଗୁଡିକ ଜୟଦେବ ବିହାର ଫ୍ଲାଏ ଓଭର ବ୍ରିଜ୍‌ର ସର୍ଭିସ ରୋଡରେ ଆଚାର୍ଯ୍ୟବିହାର ଛକରୁ ବାମ ପଟେ ଆପୋଲୋ ହସ୍ପିଟାଲ, ସୈନିକ ସ୍କୁଲ ରାସ୍ତାରେ ସପ୍ତମ ବାଟାଲିଅନ ପଡିଆରେ ଅଟକିବ । କଳିଙ୍ଗ ହସ୍ପିଟାଲ-ହାତିଆଶୁଣୀ ରାସ୍ତାରେ ବସ୍ ପାର୍କିଂ କରିପାରିବେ। ନନ୍ଦନକାନନ ରାସ୍ତା ପଟୁ ଆସୁଥିବା ବସ୍ ନାଲ୍କୋ ଛକ-କଳିଙ୍ଗ ହସ୍ପିଟାଲ ରାସ୍ତା ଦେଇ ରେଳୱେ କଲୋନି ଗୋଲେଇ ଛକଠାରୁ ଉତ୍କଳ ହସ୍ପିଟାଲ-ହାତିଆଶୁଣୀ ରାସ୍ତାରେ ଗାଡ଼ିଗୁଡ଼ିକ ପାର୍କିଂ କରିପାରିବେ । ପୁରୀ ପଟୁ ଆସୁଥିବା ବସ୍ କଳ୍ପନା, ରାଜମହଲ, ଶିଶୁଭବନ ଛକ, କ୍ୟାପିଟାଲ ହସ୍ପିଟାଲ ଛକର ଏକ ଲାଇନ୍‌ରେ ପାର୍କିଂ କରିପାରିବେ । ଏହି ବସ୍‌ରେ ଥିବା ସମର୍ଥକମାନେ ରୋଡ୍ ସୋ ଦେଖିପାରିବେ । ଖୋର୍ଦ୍ଧା ପଟୁ ଆସୁଥିବା ଭାରୀଯାନ ପିତାପଲ୍ଲୀ ଛକଠାରୁ ଚନ୍ଦକା ରାସ୍ତା ଦେଇ କଟକ ଆଡକୁ ଯାଇପାରିବ । କଟକ ପଟୁ ଭାରୀଯାନ ଆସିଲେ, ବାଲିକୁଦା ଛକଠାରୁ ତ୍ରିଶୁଳିଆ ଦେଇ ପିତାପଲ୍ଲୀ ଛକକୁ ଯାଇପାରିବ । ସେହିପରି ବିମାନବନ୍ଦର, ଏଜି ଛକ, ରାଜଭବନ ଗୋଲେଇ, ନାଲ୍କୋ ଛକ ଯାଏଁ ଅପରାହ୍ଣ ୩ଟାରୁ ସନ୍ଧ୍ୟା ୬ଟା ଭିତରେ ନଯିବାକୁ ସାଧାରଣ ଜନତାଙ୍କୁ ପୁଲିସ ଅପିଲ୍ କରିଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ମହିଳାଙ୍କ ସମାଗମ ହେବ। ବିଭିନ୍ନ ଅଡୁ ଆସୁଥିବା ମହିଳାମାନଙ୍କ ଭିଡରେ ଯେପରି ଫସିବେ ନାହିଁ ସେସବୁ ଦିଗକୁ ନଜରରେ ରଖି ବିଶେଷ ଭାବରେ ମହିଳା ପୋଲିସ ମଧ୍ୟ ନିୟୋଜିତ କରାଯିବ । କେବଳ ରୋଡ ସୋ ନୁହେଁ ସଭାସ୍ଥଳରେ ମଧ୍ୟ ନିୟୋଜିତ ରହିବେ ମହିଳା ପୋଲିସ। ମହିଳାମାନଙ୍କ ସୁରକ୍ଷାକୁ ପ୍ରଥମିକତା ଦିଆଯିବ । ଏପରିକି ରାପିଡ ଆକ୍ସନ ଫୋର୍ସ ଗୋଟିଏ ପ୍ଲାଟୁନ୍ ମହିଳା ଟିମ୍ ମଧ୍ୟ ନିୟୋଜିତ ରହିବେ। ମୋଦିଙ୍କ ରୋଡ୍ ସୋ ବେଳେ ଟ୍ରାଫିକ୍ ପରିଚାଳନାକୁ ଗୁରୁତ୍ୱ ଦେଉଛି କମିଶନରେଟ୍ ପୁଲିସ । ୨୪ ପ୍ଲାଟୁନ୍ ଫୋର୍ସ ଟ୍ରାଫିକ୍ ପରିଚାଳନା ପାଇଁ ସଜାଗ ରହିବେ । ଏହି ରୁଟ୍‌ରେ ପଡୁଥିବା ୯୨ଟି ଲେନ୍ ଓ ବାଇଲେନ୍‌କୁ ବ୍ଲକ୍ କରିବାକୁ ନିଷ୍ପତ୍ତି ନିଆଯାଇଛି ।

# ମୋଦୀଙ୍କ ଗସ୍ତ ନେଇ କମିଶନରେଟ୍ ପୁଲିସର କାରକେଡ୍ ରିହର୍ସାଲ



**ଭୁବନେଶ୍ୱର, ୧୯/୦୬ ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତ ପାଇଁ ସୁରକ୍ଷା ପ୍ରସ୍ତୁତି ଶେଷ ହୋଇଛି। ଏସ୍‌ପିଜି (ସ୍ପେସାଲ ପ୍ରୋଟେକ୍ସନ ଗ୍ରୁପ୍) କମାଣ୍ଡୋଙ୍କ ସହ ମିଶି ବ୍ଲୁ ବୁକ୍ ଅନୁସାରେ କମିଶନରେଟ୍ ପୁଲିସ ସୁରକ୍ଷାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି । ଗୁରୁବାର ପ୍ରଧାନମନ୍ତ୍ରୀଙ୍କ କାରକେଡ୍ ରିହର୍ସାଲ କରାଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇବି ଖୁରାନିଆ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପୂର୍ବରୁ ସମାରୋହ ସ୍ଥଳରେ ସୁରକ୍ଷା ସ୍ଥିତିର ତଦାରଖ କରିଥିଲେ। ଏସ୍‌ପିଜି ଟିମ୍ ମଧ୍ୟ ସମାରୋହ ସ୍ଥଳରେ ଉପସ୍ଥିତ ଥିଲା । ରୋଡ୍ ସୋ' ସୁରକ୍ଷା ବ୍ୟବସ୍ଥା ନେଇ ଏସ୍‌ପିଜି ଅଧିକାରୀମାନେ ଡିଆଇଜି (ଏସ୍‌ଟିଏଫ୍) ପିନାକ ମିଶ୍ରଙ୍କ ସହ ଆଲୋଚନା କରିଥିଲେ। ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ରୋଡ୍ ସୋ' ପାଇଁ ବିମାନବନ୍ଦରରୁ ଜୟଦେବ ବିହାର ଓ ଜନତା ମଇଦାନ ରାସ୍ତାରେ ପୁଲିସ ଛାଉଣି ହେବ । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷିତ ଗସ୍ତ ନେଇ ଏସ୍‌ପିଜି ଅଧିକାରୀଙ୍କ ସହ ପୂର୍ବରୁ ବିଚାରବିମର୍ଶ ହୋଇଥିଲା। ଜନତା ମଇଦାନର କାର୍ଯ୍ୟକ୍ରମ ସ୍ଥଳକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଛି । ଜନତା ମଇଦାନର ସଭାସ୍ଥଳକୁ ନୋ ଫ୍ଲାଇଙ୍ଗ୍ ଜୋନ୍ ଘୋଷଣା କରାଯାଇଛି। କେହି ଡ୍ରୋନ୍ ଉଡ଼ାଇଲେ ଗୁଳି କରି ଖସାଇ ଦିଆଯିବ। ବିମାନବନ୍ଦରରୁ ଏଜି ଛକ, ରାଜଭବନ, ଜୟଦେବ ବିହାର, ଜନତା ମଇଦାନ ରାସ୍ତାର ୨ ପାର୍ଶ୍ୱରେ ପଡୁଥିବା ସପିଂ ମଲ୍, ଉଚ୍ଚ ଅଟାଳିକାଗୁଡିକୁ ଯାଞ୍ଚ କରାଯାଇଛି। ଏସ୍‌ପିଜି କମାଣ୍ଡୋମାନେ ବାଇନାକୁଲାର ଯୋଗେ ସମ୍ବେଦନଶୀଳ ପଏଣ୍ଟ ଚିହ୍ନଟ କରିଛନ୍ତି । ସନ୍ଧାନୀ କୁକୁର ଓ ବୋମା ଚିହ୍ନଟକାରୀ ଯନ୍ତ୍ର ଯୋଗେ ସମାରୋହସ୍ଥଳକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଛି ଗୁରୁବାରଠୁ ଜନତା ମଇଦାନରେ ସାଧାରଣ ବ୍ୟକ୍ତିଙ୍କ ପ୍ରବେଶକୁ ନିଷେଧ କରାଯାଇଛି। ସହରରେ ଆତଙ୍କବାଦୀ ଗତିବିଧି ଉପରେ ମଧ୍ୟ ନଜର ରଖାଯାଇଛି । ଡିସିପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶକ୍ରମେ ପ୍ରତି ଥାନାର ପୁଲିସ ସବୁ ହୋଟେଲ, ଲଜରେ ଯାଞ୍ଚ କରିଛନ୍ତି। ରାତ୍ରିକାଳୀନ ପାଟ୍ରୋଲିଂକୁ ମଧ୍ୟ କଡ଼ାକଡ଼ି କରାଯାଇଛି । ପୂର୍ବରୁ ସମାରୋହ ସ୍ଥଳରେ ଆୟୋଜିତ ସୁରକ୍ଷା ସମୀକ୍ଷା ବୈଠକରେ ପୁଲିସ କମିଶନରଙ୍କ ସହ ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଲ, ଆଇଜି ଅନୁପ ସାହୁ, ଡିଆଇଜି ଚରଣ ସିଂ ମୀନା, ଡିଆଇଜି ଯୁଗଳ କିଶୋର ବନୋଥ, ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ଉପସ୍ଥିତ ଥିଲେ ।

# ନନ୍ଦନକାନନରେ ୩୩ ବର୍ଷ ପରେ ଜନ୍ମ ନେଲେ ପାଞ୍ଚଟି ଇଗୁଆନା

**ଭୁବନେଶ୍ୱର, ୧୯/୦୬ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପାଇଁ ଖୁସି ଖବର । ୩୩ ବର୍ଷ ପରେ ନନ୍ଦନକାନନରେ ଜନ୍ମ ନେଲା ୫ଟି ଇଗୁଆନା । ଏଠାରେ ଥିବା ସରୀସୃପ ପାର୍କରେ ପାଞ୍ଚଟି ଇଗୁଆନା ଜନ୍ମଗ୍ରହଣ କରିଛନ୍ତି। ଯାହା ଦୀର୍ଘ ୩୩ ବର୍ଷ ପରେ ଇଗୁଆନା ଜନ୍ମ ଗ୍ରହଣ କରିଥିବା ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।ଏହି ପ୍ରାଣୀ ଉଦ୍ୟାନରେ ଇଗୁଆନା ଶେଷ ଥର ପାଇଁ ୧୯୯୨ ମସିହା ଜାନୁଆରୀ ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ୨ଟି ପୁରୁଷ ଇଗୁଆନା ଏବଂ ଅନ୍ୟ ନୂଆ ପ୍ରଜାତୀର ଇଗୁଆନା ଯୋଡ଼ିବା ପାଇଁ ନନ୍ଦନକାନନରେ ୨୦୨୪ ମସିହାରେ ନଭେମ୍ବର ୧୧ ତାରିଖରେ ହାଇଦ୍ରାବାଦର ନେହେରୁ ପ୍ରାଣୀ ଉଦ୍ୟାନରୁ ୨ ଟି ମାଈ ଏବଂ ୨୦୨୪ ମସିହାରେ ସେପ୍ଟେମ୍ବର ୨୬ ତାରିଖରେ କୋଲକାତାର ଆଲିପୁର ଚିଡ଼ିଆଖାନାରୁ ୮ ଟି ଇଗୁଆନା (୪ ପୁରୁଷ ଏବଂ ୪ ମାଈ) ନନ୍ଦନକାନନକୁ ଆସିଥିଲେ । ତେବେ ପାଞ୍ଚଟି ନବଜାତ ଇଗୁଆନାଙ୍କ ମଧ୍ୟରୁ ତିନିଟି ଇଗୁଆନାଙ୍କୁ ସରୀସୃପ ପାର୍କରେ ସ୍ୱତନ୍ତ୍ର ଯତ୍ନର ବ୍ୟବସ୍ଥା ସହିତ ରଖାଯାଇଛି । ଅନ୍ୟ ଦୁଇଟି କମ ସକ୍ରିୟ ନବଜାତକୁ ଯତ୍ନ ପାଇଁ ହାତ ପାଳନ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଏହା ସହିତ ନନ୍ଦନକାନନ ଚିଡ଼ିଆଖାନାରେ ମୋଟ ଇଗୁଆନା ସଂଖ୍ୟା ୧୨ (୬ ପୁରୁଷ ଏବଂ ୬ ମାଈ) ଏବଂ ୫ ନବଜାତ ଛୁଆକୁ ବୃଦ୍ଧି ପାଇଛି । ସମସ୍ତ ନବଜାତ ଛୁଆ ନିରନ୍ତର ଭାବରେ ତଦାରାଖ କରୁଛନ୍ତି କର୍ତ୍ତୃପକ୍ଷ। ସେହିପରି କିଛି ଦିନ ପୂର୍ବେ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ମଧ୍ୟ ଖୁସି ଆଣିଦେଇଛି ଧଳା ବାଘୁଣୀ ମୌସୁମୀ। ଦ୍ୱିତୀୟ ଥର ପାଇଁ ମାଆ ହୋଇଛି ବାଘୁଣୀ ମୌସୁମୀ । ଦୁଇଟି ଶାବକକୁ ଜନ୍ମ ଦେଇଛି ବାଘୁଣୀ ମୌସୁମୀ । ନନ୍ଦନକାନନର ୨୦ ନମ୍ବର ଖୁଆଡ଼ରେ ଗତ ଶନିବାର ବିଳମ୍ବିତ ରାତି ଦୁଇ ଘଣ୍ଟା ଅନ୍ତରରେ ଦୁଇଟି ଶାବକକୁ ଜନ୍ମ ଦେଇଥିଲା ମୌସୁମୀ। ଖୁଆଡରେ ଲାଗିଥିବା ସିସିଟିଭି ମାଧ୍ୟମରେ ବାଘୁଣୀ ଓ ଶାବକଙ୍କ ଉପରେ ନଜର ରଖାଯାଇଛି। ବାଘୁଣୀ ମୌସୁମୀ ଛୁଆମାନଙ୍କର ଯତ୍ନ ନେବା ସହିତ କ୍ଷୀର ପାନ କରୁଥିବା ଦେଖିବାକୁ ମିଳିଛି । ନନ୍ଦନକାନନରେ ବାଘ ସଂଖ୍ୟା ୨୯କୁ ବୃଦ୍ଧି ପାଇଥିବା ସୂଚନା ଦେଇଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ରଜ ତିନି ଦିନରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ମୋଟ ୮୩ ହଜାର ୮୪୬ ପର୍ଯ୍ୟଟକ ଆସି ମୌଜ କରିଛନ୍ତି ।


